## ସଂକ୍ଷେପରେ

### ସାରଳା ଦାସ ମହାବିଦ୍ୟାଳୟରେ ଓଡ଼ିଆ ପାଠଚକ୍ର

**ତିର୍ତ୍ତୋଲ,୧୨।୧୧(ଡି.ଏନ.ଏ.):** ତିର୍ତ୍ତୋଲ ସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ପଞ୍ଚସଖା ଯୁଗର ଧର୍ମ, ଦର୍ଶନ ଓ ସାହିତ୍ୟ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ମୋଜାକିର ହୁସେନ ଖାନ, ବିଭାଗୀୟ ମୁଖ୍ୟ ସୁରଞ୍ଜନ ଲେଙ୍କା, ବିଷୟ ବିଶେଷଜ୍ଞ ନିରଞ୍ଜନ ସାହୁ, ଅଧ୍ୟାପିକା ବିଷ୍ଣୁପ୍ରିୟା ଦାସ, ପରମାନନ୍ଦ ମିଶ୍ର, ଅଧ୍ୟାପକ ଅଶୋକ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପଞ୍ଚସଖା ଯୁଗର ଧର୍ମ, ଦର୍ଶନ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଓଡିଆ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ ପ୍ରିୟଦର୍ଶିନୀ ପରିଜା ଏବଂ ମନସ୍ୱିନୀ ଆଚାର୍ଯ୍ୟ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ ସୁମନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସାଗରିକା ପୃଷ୍ଟି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ଅଲିପ୍ସା ଜେନା ଓ ଅଧ୍ୟାପକ ରତ୍ନପଦ ମହାନ୍ତି ପରିଚାଳନା କରିଥିଲେ।

### ମହାତ୍ମା ଗାନ୍ଧୀଙ୍କ ଜ୍ୟୋତିକୁ ସମ୍ବର୍ଦ୍ଧନା



**ରାହାମା,୧୨।୧୧(ଡି.ଏନ.ଏ.):** କୁଜଙ୍ଗ ବ୍ଲକ ରାହାମାଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜ୍ୟୋତିକୁ ସ୍ୱାଗତ କରାଯାଇଛି। ରାହାମା ବଜାର କମିଟି ସଭାପତି ଜଟାଧାରୀ ଦାସ, ସମ୍ପାଦକ ସୁନାକର ବେହେରା, ଭିକାରୀ ସେନାପତି, ମନୋଜ ସାହୁ, ପବିତ୍ର ସେନାପତି, ରାହାମା ପ୍ରେସ କ୍ଲବ ସଭାପତି ମାନସ ରଞ୍ଜନ ମହାନ୍ତି, ସମ୍ପାଦକ ଶ୍ରୀକାନ୍ତ ଦାସ, ଶରତ ଦାସ, ନିର୍ଲିପ୍ତ ଦାସ, ଶିଦ୍ଧାର୍ଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ୩୦ଟି ଜିଲା ଅତିକ୍ରମ କରି ଏହି ଜ୍ୟୋତି ସହିତ ଆସିଥିବା ଓଡ଼ିଶା ଗାନ୍ଧୀବାଦୀ ଫୋରମର ଅଧ୍ୟକ୍ଷା ରିନା ରାଉତରାଏ, ହୃଷିକେଶ ପଣ୍ଡା, ମାନସ ରଞ୍ଜନ ରାଉତରାୟ ପ୍ରମୁଖଙ୍କୁ ସେମାନେ ସ୍ୱାଗତ କରିଥିଲେ।

# ତିର୍ତ୍ତୋଲ ଆସନ ଦୌଡ଼ରେ ନୂଆ ମୁହଁ

**ଜଗତ୍‌ସିଂହପୁର ଅଫିସ,୧୨।୧୧**



**ବିଏମ୍‌ଜେଡି ନୂଆ ସଭାନେତ୍ରୀଙ୍କୁ ନେଇ ଚର୍ଚ୍ଚା**
- ପ୍ରାର୍ଥୀ ହୋଇପାରନ୍ତି ମିନତି
- ରାଜଶ୍ରୀ ଓ ବିଷ୍ଣୁଙ୍କୁ ନେଇ ଆଗକୁ ବଢ଼ିବା ବଡ଼ ଚ୍ୟାଲେଞ୍ଜ

ରାଜ୍ୟ ବିଜୁ ମହିଳା ଜନତା ଦଳ(ବିଏମ୍‌ଜେଡି)ର ନୂଆ ସଭାନେତ୍ରୀ ହୋଇଛନ୍ତି ତିର୍ତ୍ତୋଲ ବ୍ଲକ ରସୁଲପୁରର ମିନତି ବେହେରା। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ବିଜେଡିରେ ମିନତିଙ୍କୁ ଏଭଳି ଗୁରୁତ୍ୱ ଦିଆଯିବା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ରାଜନୈତିକ ଚର୍ଚ୍ଚା ସୃଷ୍ଟି କରିଛି। ଆଗାମୀ ନିର୍ବାଚନରେ ସେ ଏହି ନିର୍ବାଚନମଣ୍ଡଳୀରୁ ଦଳର ପ୍ରାର୍ଥୀ ହୋଇପାରନ୍ତି ବୋଲି କୁହାଯାଉଛି। ଅତୀତରେ ମିନତି ତିର୍ତ୍ତୋଲ ଜିଲା ପରିଷଦ ଜୋନ ସଂଖ୍ୟା ୩ରୁ ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ସେତେବେଳେ ବିଜେଡି ଜିଲା ସଭାପତି ବିଷ୍ଣୁ ଚରଣ ଦାସ ତାଙ୍କ ପାଇଁ ପ୍ରଚାର କରିଥିଲେ। ପରବର୍ତ୍ତୀ ସମୟରେ ସେ ଦଳୀୟ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ, ସେଥିପାଇଁ ତାଙ୍କୁ ରାଜ୍ୟ ଭିନ୍ନକ୍ଷମ ଆୟୋଗ ଅଧ୍ୟକ୍ଷ ଭଳି ପଦ ମିଳିଥିଲା। ଏହି ପଦବୀରୁ ସେ ଇସ୍ତଫା ଦେବା ପରେ ବିଏମ୍‌ଜେଡି ସଭାନେତ୍ରୀ ହୋଇଛନ୍ତି। ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରେ ସେ ସେତେଟା ଜଣାଶୁଣା ନୁହନ୍ତି। କିନ୍ତୁ ତାଙ୍କ ବାପା ଅତୀତରେ ନିତ୍ୟାନନ୍ଦ ସାମନ୍ତରାୟଙ୍କ ପାଖଲୋକ ଥିଲେ। ଯାହା ହେଉ ନିଜ ଦକ୍ଷତା ବଳରେ ସେ ଶାସକ ଦଳରେ ନିଜର ଗୁରୁତ୍ୱ ବଢାଇ ପାରିଛନ୍ତି। ବେହେରାଙ୍କ ଶାଶୁଘର ମଧ୍ୟ ଏରସମା ଅଞ୍ଚଳରେ। ତେଣୁ ବିଏମ୍‌ଜେଡି ସଭାନେତ୍ରୀ ହେବା ପରେ ଆଗକୁ ତାଙ୍କ ରାଜନୈତିକ ଗତି କୁଆଡେ ଯାଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

ଏ ସମ୍ପର୍କରେ କେତେଜଣ ବିଜେଡି ନେତାଙ୍କ କହିବା କଥା ହେଲା ବେହେରା ଆସନ୍ତା ନିର୍ବାଚନରେ ବିଧାୟକ ପଦବୀ ପାଇଁ ବିଜେଡି ଦଳରୁ ଆଶାୟୀ ହୋଇପାରନ୍ତି। ଯେହେତୁ ତାଙ୍କ ବାପଘର ତିର୍ତ୍ତୋଲ ଓ ଶାଶୁଘର ଏରସମା, ତେଣୁ ସେ ଯେ କୌଣସି ସ୍ଥାନରୁ ପ୍ରାର୍ଥୀ ହୋଇପାରନ୍ତି। ଏହା ଅର୍ଥ ନୁହେଁ ଯେ, ଜିଲାର ଅନ୍ୟ ୨ ନିର୍ବାଚନମଣ୍ଡଳୀ ଯଥା ଜଗତ୍‌ସିଂହପୁର ଓ ପାରାଦୀପରୁ ସୁଯୋଗ ମିଳିଲେ ସେ ହାତଛଡା କରିବେ। କିନ୍ତୁ ତିର୍ତ୍ତୋଲରୁ ପ୍ରାର୍ଥୀ ହେବା ପାଇଁ ସେ ଅଧିକ ଆଗ୍ରହ ପ୍ରକାଶ କରିପାରନ୍ତି ବୋଲି ତାଙ୍କ ନିକଟତମ ସୂତ୍ରରୁ ପ୍ରକାଶ। କାରଣ ତିର୍ତ୍ତୋଲ ଆସନ ବିଜେଡି ହାତରେ ରହିଛି ଓ ଏଠାରେ ଦଳର ସ୍ଥିତି ଭଲ ଅଛି। ଅନ୍ୟପଟେ ଏହି ନିର୍ବାଚନମଣ୍ଡଳୀର ବିଷ୍ଣୁ କିମ୍ବା ତାଙ୍କ ପୁଅ ପ୍ରାର୍ଥୀ ହେବା କଥା ମଧ୍ୟ ଚର୍ଚ୍ଚା ହୋଇଆସୁଛି। ଦାସଙ୍କ ସପକ୍ଷରେ ବିଜେଡିର ଆଗଧାଡିଆ ଅଧିକାଂଶ ନେତା ଅଛନ୍ତି। ଏହି ନିର୍ବାଚନମଣ୍ଡଳୀର ଦଳୀୟ ନେତା ଓ କର୍ମୀଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗ ଦେଉଛନ୍ତି। ଦଳୀୟ କାର୍ଯ୍ୟାଳୟରେ ପହଞ୍ଚି ସଙ୍ଗଠନକୁ ମଜଭୁତ କରିବାକୁ ଖସଡ଼ା ପ୍ରସ୍ତୁତ କରୁଛନ୍ତି। ଏହି ନିର୍ବାଚନମଣ୍ଡଳୀର ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ି ବ୍ଲକ ଅଞ୍ଚଳରେ ତାଙ୍କର ସଙ୍ଗଠନ ରହିଛି। ଏହାକୁ ନେଇ ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କ ସହ ତାଙ୍କର ବିବାଦ ରହିଛି। ଏନେଇ ରାଜଶ୍ରୀ ବିଜେଡି ସଭାପତିଙ୍କ ଆଗରେ ଫେରାଦ ମଧ୍ୟ ହୋଇଛନ୍ତି। କିନ୍ତୁ ସେମାନଙ୍କ ବିବାଦ ଏଯାଏ ସମାଧାନ ହୋଇପାରିନି। ଅନ୍ୟପଟେ ବିଏମ୍‌ଜେଡି ଜିଲା ସଭାନେତ୍ରୀ ଅଛନ୍ତି ରାଜଶ୍ରୀ। ସେ ଏଣିକି ବିଏମ୍‌ଜେଡି ରାଜ୍ୟ ସଭାପତି ମିନତିଙ୍କ ନିର୍ଦ୍ଦେଶ ଅନୁସାରେ ସାଙ୍ଗଠନିକ କାର୍ଯ୍ୟ କରିବେ। ମିନତି ଯଦି ତିର୍ତ୍ତୋଲରୁ ପ୍ରାର୍ଥୀ ହେବାକୁ ଚାହାନ୍ତି, ତେବେ ରାଜଶ୍ରୀଙ୍କ ଭୂମିକା କ'ଣ ରହିବ ତାହା ସମୟ କହିବ। ସେହିପରି ବିଷ୍ଣୁଙ୍କ ସହ ମିନତି କିପରି ବୁଝାମଣା କରିପାରୁଛନ୍ତି ତାହା ମଧ୍ୟ ଦେଖିବାର ଅଛି।

ସୂଚନାଯୋଗ୍ୟ, କିଛି ମାସ ତଳେ ବିଏମ୍‌ଜେଡି ଜିଲା ସଙ୍ଗଠନରେ ଅନେକ ପରିବର୍ତ୍ତନ ହୋଇଥିଲା। ବିଷ୍ଣୁଙ୍କ ବିନା ପରାମର୍ଶରେ ରାଜଶ୍ରୀ ୨ ଜଣ ନୂଆ କର୍ମକର୍ତ୍ତା ଚୟନ କରିଥିଲେ। ତେଣୁ ବିଷ୍ଣୁ ରାଜ୍ୟ ସଭାପତିଙ୍କ ନିକଟରେ ଫେରାଦ ହେବାରୁ ସମ୍ପୃକ୍ତ ୨ କର୍ମକର୍ତ୍ତାଙ୍କୁ ପଦ ଛାଡିବାକୁ ପଡିଥିଲା। ଶେଷରେ ବିଷ୍ଣୁଙ୍କ ସୁପାରିସରେ ବିଏମ୍‌ଜେଡି ଜଗତ୍‌ସିଂହପୁର ବ୍ଲକ ସଭାପତି ଓ ପୌର ପରିଷଦ ସଭାପତି ନିଯୁକ୍ତ ହୋଇଥିଲେ। ଯେହେତୁ ରାଜଶ୍ରୀଙ୍କ ପତିଆରା ହାନୀ ଘଟିଥିଲା, ତେଣୁ ସେ ପଦ ଛାଡିଥିବା ୨ ନେତ୍ରୀଙ୍କୁ ଜିଲା କାର୍ଯ୍ୟକାରିଣୀରେ ସ୍ଥାନ ଦେଇଥିଲେ। ଏହି ପ୍ରସଙ୍ଗକୁ ନେଇ ପୂର୍ବତନ ରାଜ୍ୟ ବିଏମ୍‌ଜେଡି ସଭାନେତ୍ରୀ ପ୍ରମିଳା ମଲ୍ଲିକ ବିବାଦୀୟ ହୋଇପଡିଥିଲେ। ରାଜଶ୍ରୀଙ୍କ ସୁପାରିଶକୁ ଗୁରୁତ୍ୱ ଦେବା ଏବଂ ବିଷ୍ଣୁଙ୍କୁ ନ ପଚାରିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏବେ ମିନତି ନୂଆ ଦାୟିତ୍ୱ ନେଇଥିବାରୁ ସେ ବିଷ୍ଣୁ ଓ ରାଜଶ୍ରୀଙ୍କୁ ନେଇ କିପରି ସଂଗଠନ ମଜଭୁତ କରିବେ ତାହା ଆଉ ଏକ ଚ୍ୟାଲେଞ୍ଜର ବିଷୟ।

## ଶାରଳାଙ୍କ ଆଶୀର୍ବାଦ ନେଲେ ମିନତି



ଶାରଳା ମନ୍ଦିରରେ ବିଜୁ ମହିଳା ଜନତା ଦଳ ସଭାନେତ୍ରୀଙ୍କ ସହ ଅନ୍ୟ କର୍ମକର୍ତ୍ତା।

**ତିର୍ତ୍ତୋଲ,୧୨।୧୧(ଡି.ଏନ.ଏ.)**

ବିଜେଡି ରାଜ୍ୟ ମହିଳା ସଭାନେତ୍ରୀ ଭାବେ ମିନତି ବେହେରା ନିଯୁକ୍ତ ହେବା ପରେ ସୋମବାର ସନ୍ଧ୍ୟାରେ ଝଙ୍କଡ଼ ଶାରଳା ପୀଠକୁ ଆସି ମା'ଙ୍କ ଦର୍ଶନ ଆଶୀର୍ବାଦ ଗ୍ରହଣ କରିଛନ୍ତି। ତାଙ୍କ ସହ ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ସୁଲୋଚନା ଦାସ, ରାଜ୍ୟ ସମ୍ପାଦିକା ଏଲିନା ଦାସ, କଟକ ଜିଲା ମହିଳା ସଭାପତି ସୁଭଦ୍ରା ଦାସ, କଟକ ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ମହିଳା ନେତ୍ରୀ ଜ୍ୟୋର୍ତିର୍ମୟୀ ମା'ଙ୍କ ଦର୍ଶନ କରିଥିଲେ। ଝଙ୍କଡ ଶାରଳା ମନ୍ଦିର ସମ୍ମୁଖର ବିବେକାନନ୍ଦ ସାମନ୍ତରାୟ, ରମାକାନ୍ତ ରାଉଳ, ଲକ୍ଷ୍ମୀଧର ମହାପାତ୍ର, ସ୍ଥାନୀୟ ଜିଲାପରିଷଦ ସଭ୍ୟା ଲିପାଲି ରାଉଳଙ୍କ ସମେତ ସ୍ଥାନୀୟ ଜନସାଧାରଣ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେହିପରି ଶାରଳାରୋଡ ଠାରେ ମଧ୍ୟ ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ତିର୍ତ୍ତୋଲ ନିର୍ବାଚନେ ମଣ୍ଡଳୀ ବିଜେଡି ଯୁବ ସଭାପତି ସୁବ୍ରତ ଦାଶ, ନିହାର ମହାପାତ୍ର, ଦେବବ୍ରତ ମହାନ୍ତି, ନିଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବିବି ହାଇସ୍କୁଲର ବାର୍ଷିକୋତ୍ସବ ଉଦ୍‌ଯାପିତ

**କୁଜଙ୍ଗ,୧୨।୧୧(ସ୍ୱ.ପ୍ର.)**



ଉତ୍ସବରେ ଉପସ୍ଥିତ ଅତିଥି।

କୁଜଙ୍ଗ ବନବିହାରୀ ହାଇସ୍କୁଲର ୧୧୮ତମ ବନବିହାରୀ ଡେ ଉତ୍ସବ ସହ ୨ ଦିନିଆ ବାର୍ଷିକ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ପ୍ରଧାନ ଶିକ୍ଷକ ସରୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପରଦାର ସମ୍ପାଦକ ସରୋଜ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଐତିହାସିକ ତଥା ଗୌରବମୟ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ରମାନେ ସଙ୍କଳ୍ପ ନେବାକୁ କହିଥିଲେ। ରାଜ୍ୟପାଳ ପୁରସ୍କୃତପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ସେନାପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ଦାସ, ଶ୍ରୀନିବାସ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସଞ୍ଜୀବ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣଦୌଡ, ଝୋଟି, ବେଲୁନ୍ ଡିଆଁ, ଓପନ୍ କୁଇଜ୍ ପ୍ରଭୃତି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଧିରେନ୍ଦ୍ର କୁମାର ଦାସ, ମୁରଲୀଧର ସ୍ୱାଇଁ, ସବିତା ସାମନ୍ତରାୟ, ସ୍ୱୟଂପ୍ରଭା ପାଢୀ, ନାରାୟଣ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିର୍ମାଣ ଶ୍ରମିକଙ୍କୁ ସହାୟତା ବଣ୍ଟନ

**ଏରସମା,୧୨।୧୧(ସ୍ୱ.ପ୍ର.)**

ଏରସମା ବ୍ଲକ ପରିସରରେ ଜିଲା ଶ୍ରମ ବିଭାଗ ପକ୍ଷରୁ ସୋମବାର ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ବଣ୍ଟନ କରାଯାଇଛି। ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ ସଭାପତିତ୍ୱ କରିଥିଲେ। ପାରାଦୀପ ଏଡିଏମ କାହ୍ନୁ ଚରଣ ଧିର, ବିଡିଓ କୈଳାସ ଚନ୍ଦ୍ର ବେହେରା, ଏମପିଙ୍କ ପ୍ରତିନିଧି ତଥା ବ୍ଲକ ବିଜେଡି ସଭାପତି ପୀତବାସ ଗଚ୍ଛାୟତ, ଜିଲା ପରିଷଦ ସଭ୍ୟ ଦୀପ୍ତି ରଞ୍ଜନ କୁଅଁର, ସ୍ୱର୍ଣ୍ଣଲତା ସେନାପତି, ଇତିଶ୍ରୀ ଭୂୟାଁ, ଡିଭିଜନାଲ ଲେବର କମିଶନର କୁମୁଦ ରଞ୍ଜନ ଦାସ, ଜିଲା ଶ୍ରମ ଅଧିକାରୀ ବାବା ଆନନ୍ଦ ରଞ୍ଜନ ଦାସ, ସହକାରୀ ଶ୍ରମ ଅଧିକାରୀ ସୌମ୍ୟା ରଞ୍ଜିତା ଦଳାଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏରସମା ବ୍ଲକର ୧୦୦୪ ଜଣଙ୍କୁ ସାଇକେଲ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଥିଲା।

# ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ବିକ୍ଷୋଭ

**ବିରିଡ଼ି,(ଡି.ଏନ.ଏ.)/ବାଲିଆ,୧୨।୧୧**



ନାଉଗାଁରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ତିର୍ତ୍ତୋଲ ବୋଧେଇ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣାରତ ଚାଷୀ।

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସୋମବାର ବିରିଡ଼ି ବ୍ଲକର ବିଭିନ୍ନ ପଞ୍ଚାୟତ ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ଏଥିରେ ବ୍ଲକ ସଂଯୋଜକ ଆଲୋକ ରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଚାଷୀମାନେ ବିଭିନ୍ନ ପଞ୍ଚାୟତକୁ ଯାଇ ଧାରଣାରେ ବସିଥିଲେ। ରାଜ୍ୟ ସରକାର ଚାଷୀଙ୍କୁ ଅଣଦେଖା କରିଆସୁଛନ୍ତି। ଦୀର୍ଘଦିନ ଧରି ନବନିର୍ମାଣ କୃଷକ ସଂଗଠନ ଚାଷୀଙ୍କୁ ପାଇଁ ମାସିକ ୫ ହଜାର ଟଙ୍କା ସୁରକ୍ଷା ଭତ୍ତା ଯୋଗାଇ ଦେବାକୁ ଦାବି କରି ଆସୁଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସରକାର ଦୃଷ୍ଟି ଦେଉନାହାନ୍ତି। ତେଣୁ ଏହାର ପ୍ରତିବାଦରେ ସତ୍ୟାଗ୍ରହ କରାଗଲା ବୋଲି ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସଂଗଠନ ପକ୍ଷରୁ ପ୍ରଦାନ କରାଯାଇଛି। ଯଦି ଏହାର ସ୍ଥାୟୀ ପ୍ରତିକାର କରା ନ ଯାଏ, ତେବେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଗଠନର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ସଡେଇ ପଞ୍ଚାୟତରେ ହୋଇଥିବା ଏହି ଆନ୍ଦୋଳନରେ ପ୍ରସନ୍ନ କୁମାର ରାଉଳ, ବାବଜୀ ଚରଣ ବାରିକ, ନିଶାକର ମଲ୍ଲିକ, ଯୋଗନ୍ଦ୍ରେ ଓଝା, ସନାତନ ଭୋଇ, ହେମନ୍ତ ରାଉଳ, ଅଜୟ ଦାସ, ସୁକାନ୍ତ ନାୟକ, ବସନ୍ତ ଓଝା ଓ ପ୍ରମୋଦ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

**ନାଉଗାଁ,(ସ୍ୱ.ପ୍ର.):** ନାଉଗାଁ ବ୍ଲକର ନାଉଗାଁ, ଘୋଡାଂଶ, ରୋହିଆ, ଗଜରାଜପୁର, ନୂଆଗାଁ, ଅଲଣା, ଗଳଦାରି, ତିରୁଣା, ବାଂଶ, ଡାବର, ବଛାଳ, ଶିଖର, କୋରୁଅ, ଓଷକଣା, ଜାମୁଗାଁ, ଡେରିକି ଆଦି ୧୬ ପଞ୍ଚାୟତ ଆଗରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଚାଷୀଙ୍କୁ ମାସକୁ ୫ ହଜାର ଟଙ୍କା ସୁରକ୍ଷା ଭତ୍ତା ପ୍ରଦାନ କରିବାକୁ ରାଜ୍ୟ ସରକାର ଆଇନ ସମ୍ମତ ଭାବେ ଅଧ୍ୟାଦେଶ ବଳରେ କିମ୍ବା ଆଗାମୀ ବିଧାନ ସଭା ଅଧିବେଶନରେ ବ୍ୟବସ୍ଥା କରନ୍ତୁ। ଏହାକୁ ଅଣଦେଖା କଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ଓ ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଜିଲା ସଂଯୋଜକ ଅଶୋକ ସ୍ୱାଇଁ, ବ୍ଲକ ସଂଯୋଜକ କୈଳାସ ପରିଡ଼ା, ଚତୁର୍ଭୁଜ ମହାନ୍ତି, ଶରତ ନାୟକ, ନବକିଶୋର ମହାନ୍ତି, ନବଦୀପ୍ତ ତାରେଣିଆ, ପଦ୍ମନାଭ ରାଉତ, ଆର୍ତ୍ତତ୍ରାଣ ଦାସ, କମଳାକାନ୍ତ ପରିଡା, ବିଜୟ ମହାନ୍ତି, ଦିଲୀପ ରାଉତ, ଅଜୟ ପରିଡା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**ବାଲିକୁଦା,(ସ୍ୱ.ପ୍ର.):** ବାଲିକୁଦା ବ୍ଲକର ୩୦ ପଞ୍ଚାୟତରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଧାରଣା ଓ ସତ୍ୟାଗ୍ରହ କରାଯାଇଛି। କାଳିଓ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଧାରଣାରେ ବିଚିତ୍ରା ନନ୍ଦ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏଥିରେ ଜିଲା ସଂଯୋଜକ ଦୁର୍ଗା ଚରଣ ସ୍ୱାଇଁ, ଜିଲା କମିଟି ସଦସ୍ୟ ବାବାଜୀ ଜେନା, କୃଷକନେତା ପ୍ରମୋଦ ରାଉତ, ଭିକାରୀ ଚରଣ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଅଳାଭର ପଞ୍ଚାୟତରେ ସୁରେଶ ସାହାଣୀଙ୍କ ନେତୃତ୍ୱରେ ଆୟୋଜିତ ସତ୍ୟାଗ୍ରହରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ପରିଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ଲକ ସହ ସଂଯୋଜକ ମିଟୁ ଦାସ, କୁଳମଣି ଦାସ, ସୁଦାକର ଦାସ, ସନ୍ତୋଷ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ଥିଲେ। ଅଳାବୋଲ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉରେ ଅଶୋକ ରାଉତ, ତଣ୍ଡିକୁଳ ପଞ୍ଚାୟତରେ ବୈକୁଣ୍ଠ ବିଶ୍ୱାଳ, ବାହାରଣା ପଞ୍ଚାୟତରେ ପ୍ରହଲ୍ଲାଦ ଖଟୁଆ ପ୍ରମୁଖ ନେତୃତ୍ୱ ନେଇଥିଲେ। ୩୦ ପଞ୍ଚାୟତରେ ହୋଇଥିବା ଧାରଣାରେ ବ୍ଲକ ସଂଯୋଜକ ରଘୁନାଥ ନାୟକ, ଧର୍ମାନନ୍ଦ ଖଣ୍ଡୁଆଳ, ସମୀର ବିଶ୍ୱାଳ, ଅଶୋକ ସ୍ୱାଇଁ, ଗଙ୍ଗାଧର ଖଟୁଆ, ଶୁଭେନ୍ଦୁ ଭୋଳ ପ୍ରମୁଖ ସାମିଲ ହୋଇଥିଲେ। ବୋରିକିନା ପଞ୍ଚାୟତରେ କୃଷକ ନେତା ଅଜୟ ଦାସ ନେତୃତ୍ୱ ନେଇଥିଲେ।

## ନବନିର୍ମାଣ କୃଷକ ସଂଗଠନର ସତ୍ୟାଗ୍ରହ

**ତିର୍ତ୍ତୋଲ,(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ହୋଇଥିବା ଆନ୍ଦୋଳନରେ ଜିଲା ସହ ସଂଯୋଜକ ବିଷ୍ଣୁଚରଣ ଦାସ, ବନବିହାରୀ ଆଚାର୍ଯ୍ୟ, ରଞ୍ଜନ କୁମାର ବିଶ୍ୱାଳ, ରବୀନ୍ଦ୍ର ସାହୁ, ଚନ୍ଦ୍ରମଣି ବେହେରା, ସୁରେନ୍ଦ୍ରନାଥ ନାୟକ, ବୃନ୍ଦାବନ ରାଉତ, ମନମୋହନ ଆଚାର୍ଯ୍ୟ, ପଞ୍ଚାନନ ଆଚାର୍ଯ୍ୟ, ନିତ୍ୟାନନ୍ଦ ବିଶ୍ୱାଳ, ବାସୁଦେବ ରଣା, କୁଳମଣୀ ନାୟକ, ପ୍ରଭାକର ବେହେରା, ନରେନ୍ଦ୍ର ସାହାଣୀ, କୃଷ୍ଣଚନ୍ଦ୍ର ସାହୁ, ଜଗନ୍ନାଥ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ବୋଧେଇ ପଞ୍ଚାୟତରେ ସଂଯୋଜକ ଅମରେନ୍ଦ୍ର ମହାପାତ୍ର, ସହ ସଂଯୋଜକ ଦିବ୍ୟଜ୍ୟୋତି ସେନାପତି, ସୁଦର୍ଶନ ବିଶ୍ୱାଳ, ଅଶୋକ ପଣ୍ଡା, ମିହିର ରଞ୍ଜନ ସେଠୀ, ଅଶୋକ ପରିଡା,ଅଜିତ ବରାଳ ପ୍ରମୁଖ ନେତୃତ୍ୱ ନେଇଥିଲେ। ପିପ୍ପଳମାଧବ ପଞ୍ଚାୟତରେ ନବନିର୍ମାଣ କୃଷକ ସଂଗଠନର ପ୍ରମୋଦ କୁମାର ଦାସ, ନିତ୍ୟାନନ୍ଦ ସାହୁ, ଅକ୍ଷୟ ନାୟକ, ସନ୍ତୋଷ ନାଥ, ଶାରଦା ବିଶ୍ୱାଳ, ଅନନ୍ତ ଦାସ ସାମିଲ ହୋଇଥିଲେ।

**ଏରସମା,(ସ୍ୱ.ପ୍ର.):** ଏରସମା ବ୍ଲକ ଜପା ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ହୋଇଥିବା ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଦୁର୍ଗା ଚରଣ ସ୍ୱାଇଁ। ଏଥିରେ ଜପା ସରପଞ୍ଚ ତପନ ଗଚ୍ଛାୟତ ଯୋଗ ଦେଇ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି ଓ କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ପକ୍ଷପାତିତାକୁ କଡା ସମାଲୋଚନା କରିଥିଲେ। କୃଷ୍ଣଚନ୍ଦ୍ରପୁର ସରପଞ୍ଚ ବହ୍ଲବାନନ୍ଦ ସ୍ୱାଇଁ, ଏରସମା ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, କୈଳାସ ଜୟସିଂହ, କୃଷକ ନେତା ଲକ୍ଷ୍ମୀଧର ମହାପାତ୍ର, ଚାଷୀ ଗଜେନ୍ଦ୍ର ବେହେରା, ଭଗତ ସେଠୀ, ନିମାଇଁ ଜେନା, ବିଜୟ କେତନ ବେହେରା, ଯୋଗେନ୍ଦ୍ର ସାହୁ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ରାହାମା,(ଡି.ଏନ.ଏ.):** କୁଜଙ୍ଗ ବ୍ଲକ ସାଇଲୋ ଓ ତାଳପଡ଼ା ପଞ୍ଚାୟତରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନ ହୋଇଛି। ଏଠାରେ ସଂଗଠନର ସଭ୍ୟ ରାମଚନ୍ଦ୍ର ପ୍ରଧାନ ନେତୃତ୍ୱ ନେଇଥିଲେ। କୁଜଙ୍ଗ ବ୍ଲକ ସଂଯୋଜକ ବିଷ୍ଣୁ ଚରଣ ସ୍ୱାଇଁ, ପବିତ୍ର ସେନାପତି, ବସନ୍ତ କୁମାର ଦାସ, ଦୀପ୍ତିରଞ୍ଜନ ମହାନ୍ତି, ସଞ୍ଜୁକ୍ତ ମହାନ୍ତି, ବୀରବର ଦାସ ଓ ମାଳତି ସାହୁ ପ୍ରମୁଖ ସାମିଲ ହୋଇଥିଲେ।

**କୁଜଙ୍ଗ,(ସ୍ୱ.ପ୍ର.):** ୧୫ ଦଫା ଦାବି ନେଇ କୁଜଙ୍ଗ ବ୍ଲକ୍ ନୂଆଗଡ ପଞ୍ଚାୟତ ସମ୍ମୁଖରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନ ନେତା ବାବୁରାମ ଚୌଧୁରୀ ଯୋଗଦେଇ ସରକାରଙ୍କ କୃଷକ ଦମନ ନୀତିକୁ ସମାଲୋଚନା କରିଥିଲେ। ପ୍ରମୋଦ କୁମାର ଲେଙ୍କା, ନଗେନ୍ଦ୍ର ଓଝା, କୃତ୍ତିବାସ ସେଠୀ, ଦୁର୍ଯ୍ୟୋଧନ ରାଉତ, ସୁରେନ୍ଦ୍ର ନାୟକ, ଅମର ରାଉତ, ଅନିରୁଦ୍ଧ ସେଠୀ, ବପିତ୍ର ବେହେରା ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଗଠନର ବ୍ଲକ୍ ସଂଯୋଜକ ବିଷ୍ଣୁ ସ୍ୱାଇଁଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତରେ ବିକ୍ଷୋଭ କରାଯାଇଛି।





ରାହାମା ଓ କୁଜଙ୍ଗରେ ନବ ନିର୍ମାଣ କୃଷକ ସଂଗଠନର ଆନ୍ଦୋଳନରେ ସାମିଲ ହୋଇଥିବା ଚାଷୀ।

## ସଂକ୍ଷେପରେ

### ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି

**ରାଜନଗର, ୧୨।୧୧ (ଡି.ଏନ୍.ଏ.)**

ରାଜନଗର ବ୍ଲକ ଅଞ୍ଚଳରେ ପ୍ରଥମ ଥର ପାଇଁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ସ୍ଥାନୀୟ ମା'ମାଟିଆ ମଙ୍ଗଳା ପୀଠ ଦେଇ ପ୍ରବାହିତ ହଂସୁଆ ନଦୀରେ ଏହି ଉତ୍ସବ ଅନୁଷ୍ଠିତ ହେବାର ଥିବା ବେଳେ ଏ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଚାନ୍ଦିବାଉଁଶମୂଳ ପଞ୍ଚାୟତ ବାରଗାଁ ମାଟିଆ ମଙ୍ଗଳା ଯୁବ ପରିଷଦ ପକ୍ଷରୁ ଏହାର ସମସ୍ତ ଆୟୋଜନ କରାଯାଉଛି। ଏହି ଉପଲକ୍ଷେ ରବିବାର ମାଟିଆ ମଙ୍ଗଳା ପୀଠରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ଏଥିରେ ଯୁବ ପରିଷଦ ସଭାପତି ଅପୂର୍ବ ମିଳନ ରାଉତ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆଇନଜୀବୀ ଗୋବର୍ଦ୍ଧନ ରାଉତ, ଶିକ୍ଷାବିତ୍ ଗୋକୁଳ ଚନ୍ଦ୍ର ଦାସ, ମାନସ ରଞ୍ଜନ ମିଶ୍ର, ନିରାକାର ରାଉତ, ସୁକାନ୍ତ ମହାନ୍ତି, ସଞ୍ଜୟ ରାଉତ, ଅଭିରାମ ରାଉଳ ପ୍ରମୁଖ ଯୋଗଦେଇ ଉତ୍ସବକୁ ଧୁମ୍‌ଧାମ୍‌ରେ ପାଳନ କରିବା ଦିଗରେ ଆଲୋଚନା କରିଥିଲେ। ଆସନ୍ତା ୨୨ ତାରିଖ ସନ୍ଧ୍ୟାରେ ମାଟିଆ ମଙ୍ଗଳା ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହି ଅବସରରେ ଅଞ୍ଚଳର ପ୍ରତିଭା ସମ୍ପନ୍ନ ସଫଳ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବ। ପରଦିନ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର କରାଯାଇଥିଲା।

### ଗିରିଗୋବର୍ଦ୍ଧନ ପୂଜା

**ଡେରାବିଶ, ୧୨।୧୧ (ସ୍ୱ.ପ୍ର.)**

ଡେରାବିଶ ବ୍ଲକର ସଦାନନ୍ଦପୁର, ଶ୍ୟାମସୁନ୍ଦରପୁର, ଚଷାଖଣ୍ଡ, ପଥରପଡ଼ା, ଗୌଡ଼ବିଶି, ରଜାଙ୍ଗ, କାଜିପୁର ସମେତ ବିଭିନ୍ନ ଗ୍ରାମରେ ଗିରିଗୋବର୍ଦ୍ଧନ ପୂଜା ବହୁ ଆଡମ୍ବରରେ ପାଳିତ ହେଉଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଛି। ପ୍ରତ୍ୟେକ ପୂଜା ମଣ୍ଡପରେ ଭାଇଚାରା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପୂଜା କମିଟି ପକ୍ଷରୁ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ, ଭଜନ ସମାରୋହ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଗତ ସୋମବାରଠାରୁ ଆରମ୍ଭ ହୋଇଥିବା ଏହି ପୂଜା କେତେକ ଗ୍ରାମରେ ଶେଷ ହୋଇଥିବା ବେଳେ କେତେକ ସ୍ଥାନରେ ବୁଧବାର ଶେଷ ହେବ ବୋଲି ଜଣାପଡିଛି। ତେବେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ, ବରିଷ୍ଠ ବିଜେଡି ନେତା ରବି ସାମଲ, ଖଦି ଗ୍ରାମୋଦ୍ୟୋଗ ବୋର୍ଡ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା, ପ୍ରାଧ୍ୟାପକ ଅଜୟ କୁମାର ରାଉତ, କଂଗ୍ରେସର ବରିଷ୍ଠ ନେତା ଧରଣୀଧର ନାୟକ, ଜୟନ୍ତ ମହାନ୍ତିଙ୍କ ସମେତ ବହୁ ରାଜନେତା ବିଭିନ୍ନ ମଣ୍ଡପ ବୁଲି ଗିରିଗୋବର୍ଦ୍ଧନଙ୍କ ଦର୍ଶନ କରିଛନ୍ତି।

### ୧୯୭୯ ବ୍ୟାଚ୍ ବନ୍ଧୁମିଳନ

**ଡେରାବିଶ, ୧୨।୧୧ (ସ୍ୱ.ପ୍ର)-** ଡେରାବିଶ ଶିକ୍ଷା ସର୍କଲ ଅଧୀନ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ବିଦ୍ୟାଳୟର ୧୯୭୯ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇଂ. ରବିନାରାୟଣ ପଣ୍ଡା, ସୁରେନ୍ଦ୍ର ନାଥ ଦାସ, ଇଂ. ବିମଳା ମହାନ୍ତିଙ୍କ ଆବାହକତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୋପବନ୍ଧୁ ଦାଶ, ସରୋଜିନୀ ଦେଇ, ସଞ୍ଜୀବ ଦତ୍ତ, ଗୋଲଖ ଚନ୍ଦ୍ର ରଥ, ପ୍ରସନ୍ନ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି ଉତ୍ସବରେ ଆସନ୍ତା ବର୍ଷ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ପାଳନ ପାଇଁ ସ୍ଥିର କରାଯାଇ ଆବଶ୍ୟକ ପ୍ରସ୍ତୁତି ପାଇଁ ଆଲୋଚନା କରାଯାଇଥିଲା। ଏହି ଅବସରରେ ହରିଅଙ୍କ ପଞ୍ଚାୟତର ପାଣିଓଲା ଗ୍ରାମର କର୍କଟପୀଡ଼ିତ ଅଲେଖ ଚନ୍ଦ୍ର ସାମଲଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

### ଜନସମ୍ପର୍କ ପଦଯାତ୍ରା

**ରାଜନଗର,୧୨।୧୧(ଡିଏନଏ)**-ରାଜନଗର ବ୍ଲକ ମହୁଲିଆ ଗ୍ରାମ ପଞ୍ଚାୟତରେ ବିଜୁ ଜନତା ଦଳର ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ନେତୃତ୍ୱରେ ହୋଇଥିବା ଏହି ଜନସଂପର୍କ ପଦଯାତ୍ରାରେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଯୋଗଦେଇ ପ୍ରକଳ୍ପଗୁଡିକର ଶିଳାନ୍ୟାସ କରିଥିଲେ। ଏହି ପଦଯାତ୍ରାରେ ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟାରାମ ସେଠୀ, ଜିଲା ପରିଷଦ ସଦସ୍ୟା ସବିତା ସେଠୀ, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗବନ୍ଧୁ ନାୟକ, ସୁରେନ୍ଦ୍ର ପ୍ରସାଦ ରାଉତ, ସରପଞ୍ଚ ମଞ୍ଜୁବାଳା ଦାସ, ସମିତି ସଭ୍ୟା ଅପର୍ଣ୍ଣା ଦେବୀ, ବ୍ଲକ ବିଜେଡି ଉପସଭାପତି ଅରୁଣ ସାହୁ, ସାଧାରଣ ସଂପାଦକ ନରହରି ଜେନା, ପ୍ରଶାନ୍ତ କୁମାର ରାଉତ, ସରପଞ୍ଚ ଶ୍ରୀକାନ୍ତ କୁମାର ପ୍ରଧାନ, ଗଙ୍ଗାଧର ଦାସ, ଅଶୋକ କୁମାର ମହାନ୍ତି, ସରୋଜକାନ୍ତ ରାଉତ, ବିଶ୍ୱ ରଞ୍ଜନ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

# ମଞ୍ଚା ବାନ୍ଧି ଫସଲ ଜଗୁଛନ୍ତି ଚାଷୀ

**ମହାକାଳପଡ଼ା, ୧୨।୧୧ (ଡି.ଏନ.ଏ.)**


ନରସିଂହପୁର ଗ୍ରାମସ୍ଥିତ ଚାଷ ଜମିରେ ତିଆରି କରାଯାଇଥିବା ମଞ୍ଚା।

**ମାଡିଛନ୍ତି ବାର୍‌ହାପଲ**
- ନଷ୍ଟ କରୁଛନ୍ତି ପାଚିଲା ଧାନ ଫସଲ
- ଆକ୍ରମଣର ଶିକାର ହେଉଛନ୍ତି ସ୍ଥାନୀୟ ଲୋକେ
- କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି

ମହାକାଳପଡା ବ୍ଲକର ବିଭିନ୍ନ କ୍ଷେତରେ ଏବେ ଧାନ ପାଚିବାର ସମୟ ହୋଇଛି। ଏନେଇ ଚାଷୀମାନେ ଖୁସି ହେବା ବଦଳରେ ସେମାନଙ୍କ ଚିନ୍ତା ବଢ଼ିଯାଇଛି। ପୂର୍ବରୁ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଏହି ଚାଷୀଙ୍କ ପାଇଁ ବାର୍‌ହାପଲ ମୁଣ୍ଡବିନ୍ଧାର କାରଣ ପାଲଟିଛନ୍ତି। ସେମାନେ ରାତିରେ ପାଚିଲା ଧାନ କିଆରିରେ ପଶି ଫସଲ ନଷ୍ଟ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜମ୍ବୁ, ବଟିଘର, ଖରିନାସୀ, ରାମନଗର, ସୁନିତି, ଗଗୁଆ ଓ ନାଞ୍ଜୁରା ପଞ୍ଚାୟତର ଅନେକ ଚାଷ ଜମିରେ ସ୍ଥାନୀୟ ଜଙ୍ଗଲରୁ ବାର୍‌ହା ପଲ ଆସି ପାଚିଲା ଧାନ ନଷ୍ଟ କରୁଛନ୍ତି। ରାତି ଅଧରେ ଏହି ବାର୍‌ହାମାନେ ଦଳଦଳ ହୋଇ ଚାଷ ଜମିରେ ପ୍ରବେଶ କରି ହେକ୍ଟର ହେକ୍ଟର ଧାନ ଫସଲ ନଷ୍ଟ କରିଦେଉଛନ୍ତି। ସେମାନଙ୍କୁ ଜମିରୁ ଘଉଡାଇବା ଲାଗି ଚାଷୀମାନେ ଫସଲ କିଆରି ପାର୍ଶ୍ୱରେ ଉଚ୍ଚ ମଞ୍ଚା ତିଆରି କରି ଜଗିରହିବାକୁ ବାଧ୍ୟ ହେଉଛନ୍ତି। ବାର୍‌ହା ପଲକୁ ଦେଖିଲେ ଚାଷୀମାନେ ଟିଣ ବାଡେଇ, ନିଆଁ ହୁଳା ଦେଖାଇ ଓ ବାଣ ଫୁଟାଇ ଜଙ୍ଗଲୀ ବାର୍‌ହାକୁ ଘଉଡାଇବାକୁ ଉଦ୍ୟମ କରୁଛନ୍ତି। ଅନେକ ସମୟରେ ବାର୍‌ହା ଘଉଡାଇବାକୁ ଯାଇ ଚାଷୀ ଆକ୍ରମଣର ଶିକାର ହେଉଥିବା ଅଭିଯୋଗ ହୋଇଛି। କିଛିଦିନ ତଳେ ଚାଷ ଜମିକୁ ବାର୍‌ହା ଉପଦ୍ରବ ରକ୍ଷା କରିବା ଲାଗି ଜମିରେ ବିଛାଇଥିବା ବିଦ୍ୟୁତ୍ ତାରରେ ଅସାବଧାନତାବଶତଃ ନିଜେ ଫସିଯିବାରୁ ବ୍ଲକ ଅନ୍ତର୍ଗତ ଜମ୍ବୁ ଗ୍ରାମର ବିଜୟ ମିର୍ଦ୍ଧା(୪୦)ଙ୍କ ମୃତ୍ୟୁ ଘଟିଛି। ସେଦିନ ରାତିରେ ଉକ୍ତ ଜମିରେ ପ୍ରବେଶ କରିବାକୁ ଉଦ୍ୟମ କରି ବିଦ୍ୟୁତ୍ ଆଘାତରେ ଏକ ବାର୍‌ହାର ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନାଯୋଗ୍ୟ, କଣ୍ଟିଲୋ ସଂରକ୍ଷିତ ଜଙ୍ଗଲ, ହେଟାମୁଣ୍ଡିଆ ସଂରକ୍ଷିତ ଜଙ୍ଗଲ, କଂସାରଡିଆ ସଂରକ୍ଷିତ ଜଙ୍ଗଲ ଓ ଭିତର ଖରିନାସୀ ସଂରକ୍ଷିତ ଜଙ୍ଗଲରେ ବାର୍‌ହା ବଂଶ ବୃଦ୍ଧି ପାଇଛି। ସେମାନେ ପାଚିଲା ଧାନ ଖାଇବାକୁ ପସନ୍ଦ କରନ୍ତି। ଏବେ ଧାନ ପାଚିବାର ସମୟ ହୋଇଥିବାରୁ ଏହି ବାର୍‌ହାପଲ ପାଚିଲା ଧାନ ବାସ୍ନାରେ ଆକର୍ଷିତ ହୋଇ ଧାନ କ୍ଷେତ୍ରରେ ପ୍ରବେଶ କରି ଫସଲ ନଷ୍ଟ କରି ଦେଉଛନ୍ତି। ବହୁ ସମୟରେ ସ୍ଥାନୀୟ ଲୋକଙ୍କୁ ଆକ୍ରମଣ ମଧ୍ୟ କରୁଛନ୍ତି। ଏବେ ବାର୍‌ହା କବଳରୁ ଚାଷ ଜମିକୁ ରକ୍ଷା କରିବା ଲାଗି ନାଞ୍ଜୁରା ପଞ୍ଚାୟତ ଅନ୍ତର୍ଗତ ନରସିଂହପୁର ଗ୍ରାମର ଅନେକ ଚାଷୀ କ୍ଷେତରେ ମଞ୍ଚା ନିର୍ମାଣ କରି ରାତିରାତି ଅନିଦ୍ରା ହୋଇ ଜଗିରହୁଛନ୍ତି ବୋଲି ସ୍ଥାନୀୟ ଚାଷୀ ପ୍ରଫୁଲ୍ଲ ସେଠୀ, ଭାନୁ ଓଝା, ସୁଧାଂଶୁ ବେରା, କାର୍ତ୍ତିକ ଦାସ, କୁନା ବେରା ଓ ଶିବ ବେରା ପ୍ରମୁଖ କହିଛନ୍ତି। ବନବିଭାଗ ପକ୍ଷରୁ ଏନେଇ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ରାଶି ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ତଥା ଏସିଏଫ୍ ଅରବିନ୍ଦ ମିଶ୍ର କହିଛନ୍ତି ଯେ, ଗହୀରମଥା ଅଞ୍ଚଳରେ ବାର୍‌ହା ଉପଦ୍ରବ କରି ସ୍ଥାନୀୟ ଚାଷୀଙ୍କ ଧାନ ଫସଲ ନଷ୍ଟ କରୁଥିବା ଅଭିଯୋଗ ପତ୍ର ମିଳିଛି। ବନବିଭାଗ ପକ୍ଷରୁ ବାର୍‌ହାପଲ ଦାଉରୁ ଫସଲକୁ ରକ୍ଷା କରିବା ଲାଗି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ଏଥିସହ ବାର୍‌ହାପଲ ଉପଦ୍ରବରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ ତଦନ୍ତ କରାଯାଇ ସରକାରୀ ନିୟମ ଅନୁସାରେ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମିଶ୍ର ସୂଚନା ଦେଇଛନ୍ତି।

## ଗହୀରମଥାରୁ ୩ ଟ୍ରଲର ଜବତ, ମତ୍ସ୍ୟଜୀବୀ ଗିରଫ

**ରାଜନଗର,୧୨।୧୧(ଡି.ଏନ.ଏ.)**

ରାଜନଗର ବ୍ଲକ ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳର ବାବୁବାଲି ଠାରୁ ୧୭ କିଲୋମିଟର ଦୂରରେ ବେଆଇନ ଭାବେ ମାଛ ମାରୁଥିବା ନିମକାଳି-୩, ମା' ଅନ୍ନପୂର୍ଣ୍ଣା, ମା' ଧାମରାଇ ନାମକ ୩ଟି ଟ୍ରଲରକୁ ବନ ବିଭାଗ ପାଟ୍ରୋଲିଂ ଟିମ୍ ଜବତ କରିଛି। ଜବତ ଟ୍ରଲରରୁ ୪୦ କୁଇଣ୍ଟାଲ ମାଛ, ୩୦ ସେଟ୍ ଜାଲ, ୩ଟି ଫିସ୍ ଫାଇଣ୍ଡର, ୩ଟି ଜିପିଏସ, ୩ଟି ଭିଏଚଏଫ ମେଶିନ ଜବତ କରାଯାଇଛି। ଜବତ ଟ୍ରଲରରୁ ମତ୍ସ୍ୟଜୀବୀ ଭାଗୀରଥି ଜେନା, ରାମପଦ ମାଇତି, ତପନ କୁମାର ଖଟୁଆ, ସୁଶାନ୍ତ ମାଝି, ଆନନ୍ଦ ଜେନା, ଗୌତମ ସାହୁ, ବାବୁଲାଲ ମାଇତି, ଅମର କୁମାର ମଣ୍ଡଳ, ଦୁଃଶାସନ ସାହୁ, ପ୍ରହ୍ଲାଦ ମଲ୍ଲିକ, ପ୍ରକାଶ କୁମାର ଧଳ, ପ୍ରଫୁଲ୍ଲ ମଲ୍ଲିକଙ୍କୁ ଗିରଫ କରାଯାଇଛି। ଏହାଛଡା ବେଆଇନ ମାଛ ମରା ଘଟଣାରେ ରମାକାନ୍ତ ମଲ୍ଲିକ, ବି. ମଲ୍ଲିକ, କେ. ମଲିକ, ହାଡିବନ୍ଧୁ ମଲ୍ଲିକ, ହେମନ୍ତ ମଣ୍ଡଳ, ସପ୍ତେଶ୍ୱର ମଣ୍ଡଳ, ସୁନିଲ କୁମାର ଜେନା, ଶମ୍ଭୁନାଥ ମଣ୍ଡଳ, ଅନନ୍ତ କୁମାର ମଣ୍ଡଳ, ମଦନ ମୋହନ ଜେନା ପ୍ରମୁଖଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ଯାତ୍ରାକୁ ସ୍ୱାଗତ


ଟାଉନ ହଲଠାରେ ଆୟୋଜିତ ସଭାରେ ଅତିଥି ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୧୨।୧୧**

ରାଜ୍ୟସ୍ତରୀୟ ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ଯାତ୍ରାକୁ କେନ୍ଦ୍ରାପଡାରେ ସ୍ୱାଗତ କରାଯାଇଛି। ଜିଲାପାଳ ଦାଶରଥି ଶତପଥୀଙ୍କ ସମେତ ଜିଲାର ବୁଦ୍ଧିଜୀବୀ, ସ୍ୱାଧୀନତା ସଂଗ୍ରାମୀ, ସ୍କୁଲ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ଏଥିସହିତ ଓଡିଶା ଗାନ୍ଧୀବାଦୀ ଫୋରମ ଅଧ୍ୟକ୍ଷା ଡା. ରୀନା ରାଉତରାୟଙ୍କ ଅଧ୍ୟକ୍ଷତାରେ ସହରର ଟାଉନ ହଲଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ କୁମାର ସାହୁ, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ, ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନକୁଳ ଚରଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସାମ୍ପ୍ରତିକ ସମୟରେ ଗାନ୍ଧୀବାଦର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ।

ସୂଚନାଯୋଗ୍ୟଯେ, ଗାନ୍ଧିଜୀଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ଯାତ୍ରା ଆୟୋଜିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ଏହାକୁ ପରିଚାଳନା କରିଥିଲେ।

## ସନ୍ଥ ମସ୍ତରାମଙ୍କ ଜନ୍ମୋତ୍ସବ

**ପାଟକୁରା, ୧୨।୧୧ (ଡି.ଏନ୍.ଏ.)**

ପବିତ୍ର ନାଗ ଚତୁର୍ଥୀ ଅବସରରେ ରବିବାର ଗରଦପୁର ବ୍ଲକ ବେଡାରୀ ପଞ୍ଚାୟତ ଅଧୀନ ସୋଲପାଟ ଗ୍ରାମରେ ସନ୍ଥ ମସ୍ତରାମଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଚିତ୍ରୋତ୍ପଳା ନଦୀ ପାର୍ଶ୍ୱରେ ଥିବା ଏହି ପୀଠରେ ପ୍ରତ୍ୟୁଷରୁ ପୀଠର ଆଚାର୍ଯ୍ୟ ବାବା ନିତ୍ୟାନନ୍ଦ ଦାସ ପୀଠକୁ ମହାସ୍ନାନ କରାଇବା ପରେ ପାରମ୍ପାରିକ ପୂଜାର୍ଚ୍ଚନା କରିଥିଲେ। ଏହି ଉପଲକ୍ଷେ ସ୍ଥାନୀୟ ବେଡାରୀ, ସୋଲପାଟ, କୁଳଟୁଠି, ହରିଦାସପୁର, ଜଗଦଳପୁର ଓ ନଦୀ ଅପର ପାର୍ଶ୍ୱର ମାଣ୍ଡିଆ, ରାଘବପୁର ଗ୍ରାମରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସନ୍ଧ୍ୟାରେ ପୀଠ ପାର୍ଶ୍ୱରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ତେବେ ଏହି ଉତ୍ସବ ଅବସରରେ ପୀଠରେ ରାତି ଅଧିକ ପର୍ଯ୍ୟନ୍ତ ରହିଲେ ମାନସିକ ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି।

■ ବାର୍‌ହା ଉପଦ୍ରବ ଯୋଗୁ ଫସଲ ନଷ୍ଟ ପ୍ରତିବାଦ

## ଫରେଷ୍ଟ ବିଟ୍ ହାଉସ ଆଗରେ ବିକ୍ଷୋଭ

**ମହାକାଳପଡ଼ା, ୧୨।୧୧ (ଡି.ଏନ୍.ଏ.)**


ବିକ୍ଷୋଭ ପ୍ରଦର୍ଶନ ବେଳେ ବିଟ୍ ହାଉସ ଆଗରେ କ୍ଷତିଗ୍ରସ୍ତ ଚାଷୀ ଓ ଅନ୍ୟମାନେ।

ମହାକାଳପଡ଼ା ବ୍ଲକ ବଟୀଘର ପଞ୍ଚାୟତ ଅଧୀନ ବଟୀଘର, ବରକୋଳିଖୋଲା, ବଡ଼ଟୁବି, ସାନଟୁବି, କଜଳପାତିଆ ଗ୍ରାମର ବହୁ ଚାଷଜମିରେ ବାର୍‌ହା ପସି ଫସଲ ଖାଇବା ସହ ଅନେକ ଫସଲ ନଷ୍ଟ କରୁଛନ୍ତି। ରାତି ଅନିଦ୍ରା ହୋଇ କେତେଜଣ ଚାଷୀ ବିଲରେ ଛାମୁଡ଼ିଆ କରି ଜଗି ରହୁଛନ୍ତି। ଏହାର ପ୍ରତିବାଦରେ ପଞ୍ଚାୟତବାସୀ ସୋମବାର ବଟୀଘର ଫରେଷ୍ଟ ବିଟ୍ ହାଉସ୍ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏହି ଅବସରରେ ପଞ୍ଚାୟତବାସୀ ୮ଦଫା ଦାବି ସମ୍ବଳିତ ଏକ ପତ୍ର ଜମ୍ବୁ ରେଞ୍ଜରଙ୍କ ଉଦ୍ଦେଶ୍ୟରେ ଫରେଷ୍ଟର ପଦ୍ମନାଭ ରାଉତଙ୍କୁ ପ୍ରଦାନ କରିଥିଲେ। ଜଙ୍ଗଲୀ ବାର୍‌ହା ଓ କୁମ୍ଭୀର ଉପଦ୍ରବ ଯୋଗୁ ଚାଷ କ୍ଷତିଗ୍ରସ୍ତ ହେବା ସହ ଲୋକମାନେ ମରଣମୁହଁରେ ପଡୁଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ଜୀବନ ଜୀବୀକାକୁ ସୁରକ୍ଷା ଦେବା, କ୍ଷତିଗ୍ରସ୍ତ ଲୋକଙ୍କଂଚ ଆର୍ଥିକ ସହାୟତା, ବୀମା ପ୍ରଦାନ ଆଦି ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ନିରଞ୍ଜନ ମାଇତି, ଗୌର ମଣ୍ଡଳ, ସରୋଜ ସାହୁ, ଦିଲ୍ଲୀପ ପ୍ରଧାନ, ଶଶାଙ୍କ ଓଝା, ନିରଞ୍ଜନ ଦଣ୍ଡା ଓ ଶଶଧର ଖୁଣ୍ଟିଆ ପ୍ରମୁଖ କ୍ଷତିଗ୍ରସ୍ତ ଚାଷୀମାନେ ସାମିଲ ହୋଇଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଓ ସ୍ଥାନୀୟ ଲୋକେ ମଧ୍ୟ ବିକ୍ଷୋଭ ସ୍ଥଳରେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜମ୍ବୁ ବନାଞ୍ଚଳ ଅଧିକାରୀ ବିଜୟ କୁମାର ପରିଡ଼ାଙ୍କୁ ପଚାରିବାରେ କ୍ଷତିଗ୍ରସ୍ତ ଅଞ୍ଚଳ ପ୍ରତି ବନ ବିଭାଗର ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଆଗାମୀ ଦିନରେ ଜଙ୍ଗଲ ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ତାର ବାଡ଼ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କହିଛନ୍ତି।

## କାର୍ତ୍ତିକ ପୂର୍ଣ୍ଣିମାକୁ ଜଳଉତ୍ସ ଦିବସ ପାଳନ କରିବାକୁ ଦାବି

**କେନ୍ଦ୍ରାପଡା ଅଫିସ, ୧୨।୧୧**

ଆସନ୍ତା ୨୩ରେ କାର୍ତ୍ତିକ ପୂର୍ଣ୍ଣିମା। କାର୍ତ୍ତିକ ବ୍ରତ ସମାପନ ସହିତ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତେବେ ଏଥିପାଇଁ ଆବଶ୍ୟକ ଥିବା ପାରମ୍ପରିକ ଜଳଉତ୍ସ ବିଭିନ୍ନ କାରଣରୁ ନଷ୍ଟ ହେବାକୁ ବସିଛି। ଏହାକୁ ଦୃଷ୍ଟିରେ ରଖି କାର୍ତ୍ତିକପୂର୍ଣ୍ଣିମାକୁ ସମଗ୍ର ରାଜ୍ୟରେ ଜଳଉତ୍ସ ଦିବସ ଭାବେ ପାଳନ କରିବାକୁ ଦାବି କରିଛି କେନ୍ଦ୍ରାପଡ଼ା ଜିଲା ଜନ ସୁରକ୍ଷା ମଞ୍ଚ। ଏ ନେଇ ମଞ୍ଚ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସମ୍ପର୍କରେ ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ସୁପ୍ରିମକୋର୍ଟଙ୍କ କଟକଣା ସତ୍ତ୍ୱେ ଦିଲ୍ଲୀବାସୀ ଦୀପାବଳିରେ ବାଣ ଫୁଟାଇ ଥିବାରୁ ବାୟୁମଣ୍ଡଳ ମାତ୍ରାଧିକ ପ୍ରଦୂଷିତ ହୋଇପଡିଛି। ସେହିଭଳି ଓଡ଼ିଶାରେ ପାର୍ବଣ ପରେ ଜଳ ଉତ୍ସଗୁଡିକ ବହୁମାତ୍ରାରେ ପ୍ରଦୂଷିତ ହେଉଛି। ମୂର୍ତ୍ତି ବିସର୍ଜନ ନେଇ ଓଡ଼ିଶା ହାଇକୋର୍ଟ ପ୍ରତ୍ୟକ୍ଷ ଭାବେ ନଦୀ ଜଳରେ ମୂର୍ତ୍ତି ବିସର୍ଜନ ନ କରିବା ପାଇଁ ବିଭିନ୍ନ ସ୍ୱାୟତ୍ତ ଶାସନ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହା ଅନେକ ସ୍ଥାନରେ ପାଳନ ହେଉ ନଥିବାରୁ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି। ପୋଖରୀ, ଗଡିଆ ଆଦି ଜଳ ଉତ୍ସ ରହୁ ନଥିବାରୁ ଜଳଚର ଜୀବ କ୍ରମେ ଲୋପ ପାଇଲେଣି। ଏ ସମ୍ପର୍କରେ ନମସ୍କାର କେନ୍ଦ୍ରାପଡା ଅନୁଷ୍ଠାନର ସଭାପତି ମାତୃଦତ୍ତ ମହାନ୍ତି କୁହନ୍ତି, ପର୍ବପର୍ବାଣି ପାଳନ ସାମାଜିକ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ। ଏଥିଯୋଗୁ ସାଂସ୍କୃତିକ ଭାବ ବିନିମୟର ସୁଯୋଗ ସୃଷ୍ଟି ହୋଇଥାଏ। ସାମ୍ପ୍ରତିକ ସମୟରେ ପର୍ବପର୍ବାଣୀ ପାଳନର ଆବଶ୍ୟକତା ସକାରାତ୍ମକ ନ ହୋଇ ନକାରାତ୍ମକରେ ପରିଣତ ହେଲାଣି। ବିଭିନ୍ନ ପର୍ବପର୍ବାଣୀ, ବ୍ରତ ପାଳନ ପାଳନ ସମୟରେ ପରିବେଶ ଉପରେ କୁପ୍ରଭାବ ପଡୁଥିବା ଦେଖାଯାଉଛି। ଜଳ ହିଁ ଜୀବନ ହୋଇଥିବାରୁ ଏହାର ଉତ୍ସ ସୁରକ୍ଷା ଏବେ ଜରୁରୀ ହୋଇପଡିଛି। ସେହିପରି ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ ଜିଲା ଜନ ସୁରକ୍ଷା ମଞ୍ଚର ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଆରମ୍ଭ ହେବା ପରଠୁ ଜଳ ଉତ୍ସଗୁଡିକ ନଷ୍ଟ ହେବାରେ ଲାଗିଛି। ସହରାଞ୍ଚଳ ଜଳ ଉତ୍ସ ପୋଖରୀ, ଗଡିଆ ଓ ଜଳ ନିଷ୍କାସନ ପଥକୁ ଅବରୋଧ କରି ଗୃହ ନିର୍ମାଣ କରାଯିବା ଯୋଗୁ ସାମାନ୍ୟ ବର୍ଷାରେ ସହର ଉବୁଟୁବୁ ହେଉଛି। ଗ୍ରାମାଞ୍ଚଳ ଜଳ ଉତ୍ସଗୁଡ଼ିକ ଅବ୍ୟବହୃତ ହେବା ଫଳରେ ଅଳିଆ ଆବର୍ଜନାରେ ଭର୍ତ୍ତି ହେଉଛି। ଫଳରେ ଜନ ସଚେତନତା ପାଇଁ ଜଳ ଉତ୍ସ ସୁରକ୍ଷା ଦିବସର ଆବଶ୍ୟକ ଥିବା ସେ ପ୍ରକାଶ କରିଛନ୍ତି। ଜଳ ପ୍ରଦୂଷଣ ଓ ସାମାଜିକ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରୁଥିବା ଅଧ୍ୟାପକ ଦେବୀପ୍ରସାଦ ସାହୁ କୁହନ୍ତି ଯେ, ସାମାଜିକ ଚଳଣି ଦୃଷ୍ଟିରୁ ଜଳାଶୟ ନିକଟରେ ବିଭିନ୍ନ ପୂଜା ଓ କ୍ରିୟା କର୍ମ କରାଯାଇଥାଏ। ଏଥିରେ ବ୍ୟବହୃତ ଘିଅ ଡବାରେ ନଟ ଫର ହ୍ୟୁମାନ କଞ୍ଜପସନ ବୋଲି ଲେଖା ଯାଇଥିଲେ ମଧ୍ୟ କର୍ମରେ ବ୍ୟବହାର କରାଯାଇ ଡବାକୁ ପୋଖରୀ ନିକଟରେ ଫୋପଡା ଯାଇଥାଏ। କର୍ପୂର ପୁଡିଆର ପଲିଥିନ ପ୍ୟାକିଂ ଉପରେ ବ୍ୟବହାର ପରେ ଜଳରେ ପ୍ରବାହ କରିବା ପାଇଁ ନିର୍ଦ୍ଦେଶ ଥାଏ। ତେବେ ଏହା ଆତ୍ମଘାତୀ ସଦୃଶ। ଅବ୍ୟବହୃତ ଓ ଆବର୍ଜନାମୟ ଜଳାଶୟ ଯୋଗୁ ମଶାବଂଶ ବୃଦ୍ଧି ସହିତ ବିଭିନ୍ନ ଚର୍ମରୋଗ ସୃଷ୍ଟି ହୁଏ। ଏଥିପାଇଁ ଜଳଉତ୍ସର ସୁରକ୍ଷା ଜରୁରୀ ହୋଇପଡିଛି।

## ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚନ

**ରାଜନଗର, ୧୨।୧୧ (ଡି.ଏନ୍.ଏ.)**

ରାଜନଗର ବ୍ଲକ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ହାତିନା ଲକ୍ଷ୍ମୀବରାହ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ସଂଘର ୧୫ଶ ସାମ୍ବିଧାନିକ ସମ୍ମିଳନୀରେ ସଂଘର ନୂତନ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବେ ଦାମୋଦର ସ୍ୱାଇଁ, ଉପସଭାପତି ପ୍ରଫୁଲ୍ଲ କୁମାର ଜେନା, ସମ୍ପାଦକ ଦୟାନିଧି ସ୍ୱାଇଁ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ରାଉତ, ଚିତ୍ତରଞ୍ଜନ ବେହେରା, ଅମର କୁମାର ବେହେରା ସହ ସମ୍ପାଦକ, ଉପଦେଷ୍ଟା ଭାବେ ଶିକ୍ଷାବିତ୍ ବିଜୟ କୁମାର ଜେନାଙ୍କୁ ମନୋନୀତ କରାଯାଇଛି। କ୍ଷୀରୋଦ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବ୍ଲକ ଶିକ୍ଷାଧିକାରୀ ନନ୍ଦ କିଶୋର ସ୍ୱାଇଁ, ଅଧ୍ୟାପକ ଅପର୍ତ୍ତି ସେଠୀ, ମହେଶ୍ୱର ରାଉତ, ଗୋଲୋକ ବିହାରୀ ସାହୁ, ବିଜୟ କୁମାର ଜେନା, ଜଗନ୍ନାଥ ଦାସ, ବିଷ୍ଣୁଚରଣ ବାରିକ, ଜୟକୃଷ୍ଣ ରାଉତ, ବିଷ୍ଣୁଚରଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ରାଜ୍ୟ ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଚିତ୍ତରଞ୍ଜନ ସାହୁ, ଦାମୋଦର ବିଶ୍ୱାଳ, ଦିଲୀପ ରାଉତ, ଅକ୍ଷୟ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ଥାୟୀ ନିଯୁକ୍ତି ଦାବିରେ ଗାଁ ସାଥୀଙ୍କ ଗଣଧାରଣା

କେନ୍ଦ୍ରାପଡ଼ା ଅଫିସ, ୧୨।୧୧

ସହରର କଜଳାସ୍ଥିତ ଡିଆର୍‌ଡିଏ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାୟୀ ନିଯୁକ୍ତି ସହ ୩ ଦଫା ଦାବିରେ ଗାଁ ସାଥୀ ସଙ୍ଘ ପକ୍ଷରୁ ସୋମବାର ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ ଜିଲା ସଭାପତି କନକଲତା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଅନିଲ ଜେନା, ଲିତା ଦାସ, ଅଞ୍ଜନ ମଲ୍ଲିକ, ଅଜୟ କୁମାର ମହାପାତ୍ର, କୈଳାସ ଚନ୍ଦ୍ର ସାହୁ, କବିତା ସାମନ୍ତରାୟ, ରଞ୍ଜନ କୁମାର ଜେନା ପ୍ରମୁଖ ଯୋଗ ଦେଇ ଗାଁ ସାଥୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ମାସିକ ସର୍ବନିମ୍ନ ୬ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ଦାବି ଉପସ୍ଥାପନ କରିଥିଲେ। ଏଥିସହ ରାଜ୍ୟ ପଞ୍ଚାୟତିରାଜ ବିଭାଗର ଚଳିତ ବର୍ଷ ଅଗଷ୍ଟ ମାସ ୨୦ତାରିଖ ପତ୍ର ଅନୁଯାୟୀ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟର ପ୍ରାପ୍ୟ ସହିତ ବାର୍ଷିକ ସର୍ବନିମ୍ନ ଏକଶହ ଦିନରୁ ଉର୍ଦ୍ଧ୍ୱ କାର୍ଯ୍ୟ ଦିବସ ପ୍ରଦାନ, ପ୍ରଶିକ୍ଷଣ ପ୍ରଦାନ, ସ୍ୱତନ୍ତ୍ର ଡାଟା ବେସ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ନେଇ ପିଡିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମସ୍ୟାର ସମାଧାନ ନହେଲେ ଡିସେମ୍ବର ୧୦ ରେ ଆନ୍ଦୋଳନ ହେବ ବୋଲି ଗାଁ ସାଥୀ ଦିବାକର ନାୟକ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ମଲ୍ଲିକ, ସତ୍ୟଭାମା ପ୍ରଧାନ, ରଶ୍ମିତା ସାହୁ, ଗଦାଧର ମଲ୍ଲିକ, ଶ୍ରୀଧର ସାମଲ, କବିର କୁମାର ବସନ୍ତିଆ, ସୁରେଶ କୁମାର ଜେନା, ନବଘନ ସାହୁ, ସୁପ୍ରିୟା ବେହେରା ଧାରଣାରେ ସାମିଲ ଥିଲେ। ପ୍ରକାଶ କୁମାର ଜେନା, ସମୀର ରଞ୍ଜନ ସାହୁ, ସୌମେନ୍ଦ୍ର ସାହୁ ପ୍ରମୁଖ ଗଣଧାରଣାକୁ ପରିଚାଳନା କରିଥିଲେ।

## ୪୪୬ ଅଭିଯୋଗ ଶୁଣିଲେ ଜିଲାପାଳ

**ପାଟକୁରା, ୧୨।୧୧ (ଡି.ଏନ୍.ଏ.)**



ଶିବିରରେ ଜିଲାପାଳ ଦାଶରଥି ଶତପଥୀ ଓ ଅନ୍ୟମାନେ।

ଗରଦପୁର ବ୍ଲକ ସଭାଗୃହରେ ଜିଲାପାଳଙ୍କ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଦାଶରଥି ଶତପଥୀ ଉପସ୍ଥିତ ରହି ୪୪୬ ଅଭିଯୋଗର ଶୁଣାଣି କରିଥିଲେ। ଆବାସ ଯୋଜନା ଘର ଓ ବାର୍ଦ୍ଧକ ଭତ୍ତା ପାଇଁ ବହୁ ଅଭିଯୋଗ ହୋଇଥିଲା। ଓସ୍ତପୁର ଗ୍ରାମର ଗୋଲେଖ ଦାସ, ତାରଡ଼ର କାହ୍ନୁ ଚରଣ ସାହୁ, ନୈନ୍ଦିପୁରର ଦିଲୀପ ପରିଡ଼ା, ନଡ଼ିଆବରାଇର ନିତ୍ୟାନନ୍ଦ ଜେନା, ତିରିଣିଆର ନିରାକାର ମଳିକ, ବଟକୃଷ୍ଣ ରାଉତ, ତଳକୁସୁମାର ଅଭୟ ପତି, ବାସୁଦେଇପୁରର ଅନ୍ନପୂର୍ଣ୍ଣା ନାୟକ, ପରକଣାର ରଞ୍ଜନ କୁମାର ଦାସ, ଧାନମଣ୍ଡଳ ଭାରତୀ ସେଠୀ, କଳାବୁଦାର ବସନ୍ତ ତ୍ରିପାଠୀ, ସାନବେତରାର ବାସନ୍ତି ମୁଦୁଲି, ଶ୍ରୀଚନ୍ଦନପୁରର ବିଳାସିନୀ ମୁଦୁଲି, ହରିଦାସପୁରର ସୁଜାତା ସେଠୀ ପ୍ରମୁଖ ଆବାସ ଯୋଜନାରେ ଘର ପାଇଁ ଆବେଦନ କରିଥିଲେ। ସେହିପରି ମରିଲୋ ଗ୍ରାମର ସୀତା ମଳିକ, ସୁନାକର ମଳିକ, ବ୍ରହ୍ମପୁରର ବ୍ରଜକିଶୋର ନାଥ, ଡ଼ାହାଳପୁରର କାଞ୍ଚନ ପ୍ରଭା ନାୟକ ପ୍ରମୁଖ ବାର୍ଦ୍ଧକ୍ୟ ଭତ୍ତା ନିମନ୍ତେ ଆବେଦନ କରିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଟଙ୍କା ପାଇ ନଥିବା ଶ୍ରୀଚନ୍ଦନପୁର ଗ୍ରାମର ନୟନା ସାହୁ ଅଭିଯୋଗ କରିଥିଲେ। ଅତିରିକ୍ତ ଏସ୍‌ପି ଅରୁଣ କୁମାର ଜେନା, ପ୍ରୋଜେକ୍ଟ ଡାଇରେକ୍ଟର ଦିଲୀପ କୁମାର ପରିଡ଼ା, ଜରୁରିକାଳୀନ ଅଧିକାରିଣୀ ନମିତା ବାରିକ, ମଣ୍ଡଳ ଉନ୍ନୟନ ଅଧିକାରୀ ଧରଣୀଧର ବେହେରା, ତହସିଲଦାର ଉମାକାନ୍ତ ବିଶ୍ୱାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବୈଷ୍ଣବ ଚରଣ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଚିନ୍ମୟୀ ରଥ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ସହକାରୀ ଜିଲାପାଳ ଭରତ ପରିଡ଼ା, ଜିଲା ଯୋଗାଣ ଅଧିକାରୀ ରଜନିକାନ୍ତ ଦାସ, ଜିଲା କୃଷି ଅଧିକାରୀ ଶରତ ଚନ୍ଦ୍ର ଦାଶ, ପାନୀୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଦିଲୀପ କୁମାର ଦେହୁରୀ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତି, ପାଟକୁରା ସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ ରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଧୀର କୁମାର ବେହେରା ଓ ଗରଦପୁର ବ୍ଲକ ଚେୟାରମ୍ୟାନ ସ୍ୱର୍ଣ୍ଣପ୍ରଭା ସେଠୀ ଉପସ୍ଥିତ ଥିଲେ। ଏହି ଅବସରରେ ବେଡ଼ାରୀ ପଞ୍ଚାୟତ ଦଳୁଆଣୀ ଗ୍ରାମର ପକ୍ଷାଘାତ ରୋଗୀ ବିଦୁଲତା ସାହୁଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଓ ହୁଇଲ୍‌ଚେୟାର ପ୍ରଦାନ କରାଯାଇଥିଲା। ଏଥିସହ ସୋଲପାଟ ଗ୍ରାମର ଦେବୁଲି ସ୍ୱାଇଁଙ୍କୁ ଚିକିତ୍ସା ବାବଦ ସହାୟତା ଯୋଗାଇ ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଧୂଆଁପଦା ପ୍ରାଥମିକ ବିଦ୍ୟାଳୟ ମିଶ୍ରଣକୁ ବିରୋଧ

**ନାଉଗାଁ,୧୨।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ କୋରୁଅ ପଞ୍ଚାୟତରେ ଥିବା ଧୂଆଁପଦା ପ୍ରାଥମିକ ବିଦ୍ୟାଳୟକୁ କୋରୁଅ ଉ.ପ୍ରା. ବିଦ୍ୟାଳୟରେ ମିଶ୍ରଣ କରିବାକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏନେଇ ସୋମବାର ଧୂଆଁପଦା ଗ୍ରାମବାସୀ, ଶିକ୍ଷା କମିଟି ସଦସ୍ୟ, ଅଭିଭାବକ ଓ ପିଲାମାନେ ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ ଜଣାଇଛନ୍ତି। ଉକ୍ତ ବିଦ୍ୟାଳୟକୁ କୋରୁଅ ଉପ୍ରା ବିଦ୍ୟାଳୟରେ ନ ମିଶାଇବା ପାଇଁ ଶିକ୍ଷା କମିଟି ସଭାପତି ହାଡ଼ିବନ୍ଧୁ ସ୍ୱାଇଁ, ଯଦୁମଣୀ ନାୟକ, ପ୍ରତାପ କୁମାର ସ୍ୱାଇଁ ପ୍ରମୁଖ ୨୫ଜଣଙ୍କ ସ୍ୱାକ୍ଷରିତ ଏକ ଦାବିପତ୍ର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ବର୍ତ୍ତମାନ ୨୧ ଜଣ ପିଲା ଅଛନ୍ତି। ସରକାରୀ ନିୟମାନୁସାରେ ୨୦ ଜଣରୁ କମ୍ ପିଲା ଥିଲେ ଉକ୍ତ ବିଦ୍ୟାଳୟକୁ ବନ୍ଦ କରି ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯିବ। ଏହା ପୂର୍ବରୁ ଉକ୍ତ ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟରେ ମିଶ୍ରଣ ନ କରିବାକୁ ଅଭିଭାବକମାନେ ୨ ଥର ବିଭାଗୀୟ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ଧୂଆଁପଦା ଗ୍ରାମଠାରୁ କୋରୁଅ ଉ.ପ୍ରା ବିଦ୍ୟାଳୟ ଦେଢ କି.ମି ଦୂର। ନାଉଗାଁ-ଗାରୋଇ ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ମାଛଗାଁକୁ ସଂଯୋଗ ହୋଇଛି। ଏହି ରାସ୍ତା ଦେଇ ପ୍ରତ୍ୟେହ ଭାରିଯାନ, ମାଲବାହୀ ଓ ଯାତ୍ରୀବାହୀ ଗାଡି ଚଳାଚଳ କରୁଛି। ତେଣୁ ଛୋଟ ପିଲାମାନେ ଏହି ରାସ୍ତାରେ ବିଦ୍ୟାଳୟ ଯିବା ନିରାପଦ ନୁହେଁ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗ୍ରାମ ଶ୍ମଶାନ ଜମିକୁ ନେଇ ଦୀର୍ଘବର୍ଷ ହେଲା ଉଭୟ ଗ୍ରାମର ଲୋକଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଏ ସମ୍ପର୍କରେ ନଭେମ୍ବର ୫ ତାରିଖରେ କୋରୁଅଠାରେ ହୋଇଥିବା ମିଳିତ ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ବିଷୟକୁ ବିଚାରକୁ ନେଇ ବିଦ୍ୟାଳୟ ମିଶ୍ରଣ ନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଯଦି ମିଶ୍ରଣ କରାଯାଏ ତେବେ ପିଲାମାନେ ପ୍ରାଥମିକ ଶିକ୍ଷାଲାଭରୁ ବଞ୍ଚିତ ହେବେ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପଚାରିବାରେ କମ୍ ଉପସ୍ଥାନ ଥିବା ବିଦ୍ୟାଳୟକୁ ସରକାରୀ ନିୟମାନୁସାରେ ମିଶ୍ରଣ କରାଯାଉଛି ବୋଲି କହିଛନ୍ତି।



ଧୂଆଁପଦା ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟ ବିଦ୍ୟାଳୟ ସହ ମିଶ୍ରଣ କରିବାକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

## ପୋଡ଼ିହୋଇ ମହିଳା ଗୁରୁତର

ବାସୁଦେବପୁର,୧୨।୧୧(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କୁମାରପୁର ଗ୍ରାମରେ ଜଣେ ମହିଳା ସୋମବାର ଅପରାହ୍ନରେ ନିଆଁରେ ପୋଡ଼ି ହୋଇ ଗୁରୁତର ଆହତ ହୋଇଛନ୍ତି। ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭଦ୍ରକ ପଠାଯାଇଛି। ରୋଷେଇ କରୁଥିବାବେଳେ ଗ୍ୟାସ୍ ସିଲିଣ୍ଡରରୁ ମହିଳାଙ୍କ ଦେହରେ ନିଆଁ ଲାଗିଯାଇଥିବା ଜଣାପଡ଼ିଛି।


ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ - ଏକାଦଶାହ ଉପଲକ୍ଷେ



ସ୍ୱ ଡ଼ା. ରବିନ୍ଦ୍ର କୁମାର ଦାସ (ରବି)
ଆବିର୍ଭାବ : ୧୫ / ୦୧ / ୧୯୭୨
ତିରୋଧାନ : ୦୩ / ୧୧ / ୨୦୧୮
ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର

ଆପଣଙ୍କର ଆଦର୍ଶ, ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଅଯାଚିତ ଓ ଅକୁଣ୍ଠିତ ସହଯୋଗ ପ୍ରବୃତ୍ତି ଆମକୁ ସଦାସର୍ବଦା ପ୍ରେରଣା ଦେଉଥାଉ ।

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଅଛୁ ।

ଶୋକ ସନ୍ତପ୍ତ :
ସମ୍ପର୍କୀୟ, ବନ୍ଧୁ ଓ ପରିବାରବର୍ଗ


### ରାଶନକାର୍ଡ ହିତାଧିକାରୀ ଚୟନରେ ଅନିୟମିତତା

# କଂଗ୍ରେସର ଗଣଧାରଣା



ବ୍ଲକ ସମ୍ମୁଖରେ ଧାରଣାରତ କଂଗ୍ରେସ ନେତା ଓ କର୍ମୀ।

**ରାଜକନିକା, ୧୨।୧୧ (ଡି.ଏନ୍.ଏ.)**

ରାଜକନିକା ବ୍ଲକର ବହୁ ଗରିବ, ଦିନମଜୁରିଆ, ଦିବ୍ୟାଙ୍ଗ, ବିଧବା ଓ ଅସହାୟ ପରିବାର ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ପଡିଛନ୍ତି। ବହୁ ସରକାରୀ ଚାକିରିଆ, ପେନସନଧାରୀ, ଦୁଇ କୋଠାଘର ଥିବା ଏବଂ ୪ ଚକିଆ ଗାଡି ଥିବା ପରିବାରକୁ ଏହି ଯୋଜନାରେ ସାମିଲ କରାଯାଇଛି। ଏହାର ପ୍ରତିବାଦରେ ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ ଅଫିସ୍ ଆଗରେ ସୋମବାର ଗଣଧାରଣା ଦିଆଯାଇଥିଲା। ଏଥିସହ ଯୋଗ୍ୟ ହିତାଧିକାରୀ ଚୟନ କରିବା ସହ ସେମାନଙ୍କୁ ଏହି ଯୋଜନାରେ ସାମିଲ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ୨୮ ନଂ. ଜୋନ୍ ସଭାପତି ବିଦ୍ୟାଧର ବରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗଣଧାରଣାରେ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ଦାସ, ଜିଲା କଂଗ୍ରେସ ସମ୍ପାଦକ ବାବୁରାମ ଜେନା, କେନ୍ଦ୍ରାପଡା ଲୋକ ସଭା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ୨୯ ନଂ. ଜୋନ୍ ସଭାପତି ମଙ୍ଗୁଳି ଚରଣ ବେହେରା, ବରିଷ୍ଠ ନେତା ସୁବାସ ପରିଡ଼ା, ବିକ୍ରମ ଦାସ, ଅଜୟ ଦାସ, ସରପଞ୍ଚ କୈଳାସ ତରାଇ, ନିରାକାର ସେଠୀ, ସାବିତ୍ରୀ ମାହୁନ୍ତ, ଉମେଶ ପରିଡା, ପ୍ରମୋଦ ପତି, ରମେଶ ଜେନା ପ୍ରମୁଖ ସାମିଲ ଥିଲେ। ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗଣଧାରଣା ଚାଲିଥିବା ବେଳେ ଏହାକୁ ହଜାରରୁ ଉର୍ଦ୍ଧ୍ୱ ସାଧାରଣ ଲୋକ ସମର୍ଥନ ଜଣାଇଥିଲେ। ତେବେ ଆସନ୍ତା ୨୦ଦିନ ମଧ୍ୟରେ ପ୍ରକୃତ ହିତାଧିକାରୀଙ୍କୁ ଚୟନ କରାଯାଇ ଏହି ଯୋଜନାରେ ସାମିଲ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ୨୦ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ କଂଗ୍ରେସ ପକ୍ଷରୁ ଆମରଣ ଅନଶନ କରାଯିବ ବୋଲି ସୂଚନା ମିଳିଛି।

# ଗୋଚର ଜମିରୁ ଗଛ କଟାକୁ ବିରୋଧ

**ବାଲିକୁଦା,୧୨।୧୧(ସ୍ୱ.ପ୍ର.)**

ବାଲିକୁଦା ତହସିଲ ମୂଳୁଗାଁ ପଞ୍ଚାୟତର ଜେନାମଣି ଗାଁସ୍ଥିତ ଦଦରା ଛକଠାରେ ଗୋଚର ଜମିରେ ଥିବା ଏକ ଚାକୁଣ୍ଡା ଗଛକୁ କଟାଯାଇଥିବାରୁ ଏହାକୁ କେତେଜଣ ଗ୍ରାମବାସୀ ବିରୋଧ କରିଛନ୍ତି। ଏ ନେଇ ସେମାନେ ବାଲିକୁଦା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବା ପରେ ଆରଆଇ ଘଟଣାସ୍ଥଳରେ ପହଞ୍ଚି କାଠ ଜବତ କରିଛନ୍ତି। ସୂଚନା ଅନୁଯାୟୀ, ଏହି ଗୋଚର ଜମିକୁ ଲାଗି ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ତଥା ସେହି ଗ୍ରାମର ହୃଷିକେଶ ଚୟନୀଙ୍କ ବାଡି ରହିଛି। ପୂର୍ବରୁ ହୃଷିକେଶ ସେହି ସ୍ଥାନରୁ ୨ଟି ଗଛ କାଟି ବିକ୍ରି କରିଥିବାବେଳେ ଗ୍ରାମବାସୀ ବିରୋଧ କରିଥିଲେ। କିନ୍ତୁ ଏହାକୁ ସେ ଭୃକ୍ଷେପ କରି ନ ଥିଲେ। ପୁନର୍ବାର ସେ ଆଉ ଏକ ଗଛ କାଟିବା ସମୟରେ ଗ୍ରାମବାସୀ ତହସିଲଦାର ରଶ୍ମିରେଖା ମଲ୍ଲିକଙ୍କୁ ଫୋନ ଯୋଗେ ଜଣାଇଥିଲେ। ଅଭିଯୋଗ ପାଇ ତହସିଲଦାର ଆରଆଇଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆରଆଇ ପହଞ୍ଚିବା ପୂର୍ବରୁ ଗଛର ପ୍ରାୟ ୯୦ ଭାଗ କଟା ସରିଥିଲା। ଅଧା କଟା ହୋଇଥିବା ଗଛଟି କାଳେ କୌଣସି ବିପଦ ସୃଷ୍ଟି କରିବ, ତେଣୁ ଗଛଟି ସମ୍ପୂର୍ଣ୍ଣ କାଟିବା ପାଇଁ ଆରଆଇ ବାଧ୍ୟ ହୋଇଥିଲେ। ଏ ସମ୍ପର୍କରେ ତହସିଲଦାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଅଭିଯୋଗ ପାଇଛି। ସମୟ ସୁବିଧା ଦେଖି ଅମିନ ବ୍ୟବସ୍ଥା କରି ଉକ୍ତ ଜାଗା ମାପଚୁପ କରାଯିବ। ଏହାପରେ ଉକ୍ତ ଗଛ କେଉଁ ଜାଗାରେ ଅଛି ଜଣାପଡିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ହୃଷିକେଶ କହିଛନ୍ତି ଯେ,ଉକ୍ତ ଗଛ ତାଙ୍କ ଜାଗାରେ ଅଛି।

# ନୋଡାଲ ବିଦ୍ୟାଳୟ ମାନ୍ୟତା ଦାବି

**ନାଉଗାଁ,୧୨।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଘୋଡାଂଶ ପଞ୍ଚାୟତର ଶିଖରଘାଟ-ବାଲିଭଉଁରୀ ରାସ୍ତା ପାର୍ଶ୍ୱରେ ଥିବା ବାସୁଦେବ ବାଳିକା ବିଦ୍ୟାଳୟକୁ ଏକ ନୋଡାଲ ବିଦ୍ୟାଳୟ କରିବା ପାଇଁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାବି ହୋଇଛି। ମଞ୍ଚର ମୁଖ୍ୟ ଉପଦେଷ୍ଟା ରବୀନ୍ଦ୍ର ପଟ୍ଟନାୟକ, ବିଦ୍ୟାଳୟର ପୂର୍ବତନ ସମ୍ପାଦକ କ୍ଷେତ୍ରମୋହନ ମହାନ୍ତିଙ୍କ ସମେତ ଗ୍ରାମବାସୀ ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ବିଦ୍ୟାଳୟଟି ୧୯୭୬ ମସିହାରେ ସ୍ଥାପିତ ହୋଇଥିଲା। ବିଦ୍ୟାଳୟ ପରିସରରେ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟ ରହିଛି। ସରକାରଙ୍କ ନିୟମ ଅନୁଯାୟୀ, ଅଷ୍ଟମ ଶ୍ରେଣୀକୁ ଉଚ୍ଚ ବିଦ୍ୟାଳୟରୁ କାଢି ନିଆଯାଇଛି। ସେହିପରି ଏହି ବିଦ୍ୟାଳୟ ନିକଟରେ ୩ଟି ବେସରକାରୀ ବିଦ୍ୟାଳୟ ଥିବାରୁ ସରକାରୀ ବିଦ୍ୟାଳୟରୁ ପିଲା ସଂଖ୍ୟା କମିବାରେ ଲାଗିଛି। ତେଣୁ ଏହି ବିଦ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଯୋଜନା ହୋଇଛି। ଏହାର ପ୍ରତିବାଦରେ ୩ ବିଦ୍ୟାଳୟର ମିଶ୍ରଣରେ ଏହି ବିଦ୍ୟାଳୟକୁ ଏକ ନୋଡାଲ ବିଦ୍ୟାଳୟ କରିବା ପାଇଁ ଦାବି କରାଯାଇଛି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଜିଲାସ୍ତରୀୟ ଯାଦବ ମହାସମାବେଶ ପ୍ରସ୍ତୁତି

**ରସୁଲପୁର,୧୨।୧୧(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଦୁର୍ଗାଦେବୀ ମନ୍ଦିର ପରିସରରେ ରବିବାର ଜିଲାସ୍ତରୀୟ ଯାଦବ ମହାସମାବେଶ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସରପଞ୍ଚ ଗଣେଶ୍ୱର ଦାସ ଅଧକ୍ଷତା କରିଥିଲେ। ଡିସେମ୍ବର ୨ରେ ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ସମାବେଶକୁ ସଫଳ କରିବା ପାଇଁ ଆଲୋଚନାରେ ସ୍ଥାନ ପାଇଥିଲା। ଏହାଛଡା ସଂଗଠନର ବରିଷ୍ଠ କର୍ମକର୍ତ୍ତା ଅଶୋକ ଦାସ, ଭରତ ଚନ୍ଦ୍ର ଦାସ, ଆଲେକଜାଣ୍ଡାର ଦାସ, ଉତ୍ତମ ଦାସ, ଅଜୟ ଦାସ, ଆତୁଳ ଚନ୍ଦ୍ର ବାରିକ, ଅଭିମନ୍ୟୁ ବେହେରା, ରବୀନ୍ଦ୍ର ବେହେରା, ନୃସିଂହ ଦାସ, ବସନ୍ତ ମହାକୁଡ, କୃଷ୍ଣଚନ୍ଦ୍ର ପ୍ରଧାନ, ନିହାରଞ୍ଜନ ଦାସ, ଜଗଦିଶ ବାରିକ, ଇନ୍ଦ୍ରଜିତ ଦାସ, ସବ୍ୟସାଚୀ ଦାସ, ଦୀପକ ଦାସ, ଅମରେଶ ଦାସଙ୍କ ପ୍ରମୁଖ ଯାଦବ ସଂଘର ସାଂଗଠନିକ ସ୍ଥିତି ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ବ୍ଲକର ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନେ ନିଷ୍ଠାପର ସହକାରେ ଦାୟିତ୍ୱ ସମାପନ କରିବା ପାଇଁ ବୈଠକ ପକ୍ଷରୁ ଅନୁରୋଧ କରାଯାଇଥିଲା।

### ନିମ୍ନ, ଉଚ୍ଚ ମାଧ୍ୟମିକ ବୃତ୍ତି ପରୀକ୍ଷା, ୧୪ ଜଣ ଛାତ୍ରୀଛାତ୍ରଙ୍କ ସଫଳତା

**ବିଞ୍ଝାରପୁର,୧୨।୧୧(ଡି.ଏନ୍.ଏ): ଶିକ୍ଷା** ବିଭାଗ ଦ୍ୱାରା ଅନୁଷ୍ଠିତ ନିମ୍ନ ଓ ଉଚ୍ଚମାଧ୍ୟମିକ ବୃତ୍ତି ପରୀକ୍ଷାରେ ବିଞ୍ଝାରପୁର ବ୍ଲକରେ ୧୪ଜଣ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ବୃତ୍ତି ପରୀକ୍ଷାରେ ଲେଙ୍କା ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ରଶ୍ମିତା ଜେନା ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ସିଂହପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ମୋହିତ ମୋହନ ମହାଲିକ ଦ୍ୱିତୀୟ, ଲେଙ୍କାସାହିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ସ୍ୱୟଂଶ୍ରୀ ବେଉରିଆ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବିଞ୍ଝାରପୁରସ୍ଥିତ ଆନନ୍ଦମୟୀ ଶିଶୁ ନିକେତନର ଗାୟତ୍ରୀ ମଲ୍ଲିକ ୪ର୍ଥ ସ୍ଥାନ, ମା' କୋରେଇଶୁଣି ଶିଶୁ ମନ୍ଦିରର ଅଂଶୁମାନ ନାୟକ ୫ମ, ସିଂହପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଶ୍ରେୟାଂଶ ଦାଶ ଷଷ୍ଠ ଓ ବିତନାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ସ୍ୱାତୀ ଶୁଭଦର୍ଶିନୀ ନାୟକ ସପ୍ତମ ସ୍ଥାନ ଅଧିକାର କରିଥିବା ଜଣାପଡିଛି। ଉଚ୍ଚ ମାଧ୍ୟମିକ ବୃତ୍ତି ପରିକ୍ଷାରେ ସିଂହପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଓମ୍ ପ୍ରକାଶ ସାହୁ ପ୍ରଥମ, ଲେଙ୍କାସାହିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ସ୍ୱାଗତ ଜ୍ୟୋତି ନାୟକ ଦ୍ୱିତୀୟ, ସିଂହପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ସମ୍ରାଜ୍ୟ ମଲ୍ଲିକ ତୃତୀୟ, ମା' କୋରେଇଶୁଣି ଶିଶୁ ମନ୍ଦିର ଛାତ୍ରୀ ସୂର୍ଯ୍ୟସ୍ମିତା ତ୍ରିପାଠୀ ୪ର୍ଥ, ଲେଙ୍କାସାହିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଭୂମିକା ବାରିକ ୫ମ, ଯୋଇଁମରା ପ୍ରୋଜେକ୍ଟ ବିଦ୍ୟାଳୟର ଅର୍ପିତା ପ୍ରଧାନ ଷଷ୍ଠ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଯାଜ୍ଞସେନୀ ସାହୁ ସପ୍ତମ ସ୍ଥାନ ଅଧିକାର କରିଛନ୍ତି।

### ପୂଜ୍ୟପୂଜା ମହୋତ୍ସବ ଅନୁଷ୍ଠିତ

**ବିଞ୍ଝାରପୁର,୧୨।୧୧(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଛନ୍ଦାମୁଣ୍ଡଠାରେ ବନମାଳୀ ପରିଡା ସ୍ମୃତି ସଂସଦ ପକ୍ଷରୁ ଗୋପବନ୍ଧୁ ମନ୍ଦିର ପ୍ରାଙ୍ଗଣରେ ଶନିବାର ପୂଜ୍ୟପୂଜା ମହୋତ୍ସବ ଅନୁଷ୍ଠିତ ହୋଇଛି। ମହୋତ୍ସବକୁ ଯାଜପୁର ଜିଲାପାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚଳଚ୍ଚିତ୍ର ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥିଭାବେ ବିଡିଓ ଦାମୋଦର ଖୁଣ୍ଟିଆ, ବରିଷ୍ଠ ପ୍ରଶାସନିକ ଅଧିକାରୀ କୈଳାସ ନାୟକ, ନିର୍ଦ୍ଦେଶକ ଜିତୁ ରାଉତ, ସଂଗ୍ରାମ ବିଶ୍ୱାଳ, ଅଭିନେତା ବାବୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବନମାଳୀ ପରିଡା ସ୍ମୃତି ସଂସଦର ପ୍ରତିଷ୍ଠାତା ମୀନକେତନ ପରିଡା ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଭିପ୍ସା ସାମଲ ନୃତ୍ୟ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲେ। ଏହି ଅବସରରେ ବିଞ୍ଝାରପୁର ଥାନାଧିକାରୀ ନିରୀକ୍ଷକ ସୁଚିତ୍ର ବିର୍ଯ୍ୟ ଦାସ, ରଜତ୍ ମିଶ୍ର, ଅରୁଣ ସାହୁ, ଜ୍ୟୋତି ଦାସ, ଅରୁପମା ନାୟକ, ସନ୍ତୋଷ ଦାସ, ମହେଶ୍ୱର ନନ୍ଦ, ସଞ୍ଜୟ ସାମଲ, ସରୋଜ ମଲ୍ଲିକ, ବଟକୃଷ୍ଣ ପଣ୍ଡା, ଅନ୍ନପୂର୍ଣ୍ଣା ବେହେରା, ଟିଙ୍କିଲତା ବେହେରା, କାଦମ୍ବିନୀ ବିଶ୍ୱାଳ, ରଶ୍ମିତା ଭୂୟାଁ, ରାମକୃଷ୍ଣ ଦାସ, ସୁବାସ ବାରିକ ପ୍ରମୁଖଙ୍କୁ ଜିଲାପାଳ ରଞ୍ଜନ କୁମାର ଦାସ ସମ୍ବର୍ଦ୍ଧିତ କରିଥିଲେ।

■ ସମ୍ପ୍ରସାରଣ ହେବ ୨୦ ନଂ. ଜାତୀୟ ରାଜପଥ

# ଭାଙ୍ଗିବ ଘର, ବୃତ୍ତି ହରାଇବେ ବେପାରୀ

■ ରାସ୍ତା ସମ୍ପ୍ରସାରଣ ହେଲେ ଭାଙ୍ଗିବ ୮ରୁ ୧୦ ବଜାର

■ ବେଘର ହେବେ ଗରିବ ଶ୍ରେଣୀର ଲୋକେ

**ଦଶରଥପୁର,୧୨।୧୧(ଡି.ଏନ୍.ଏ.)**

ଯାଜପୁର ଜିଲାର କୁଆଖିଆଠାରୁ ଯାଜପୁର ଟାଉନ୍ ଭାୟା ମଙ୍ଗଳପୁର ବଜାରଦେଇ ଭଦ୍ରକ ଜିଲା ସାତଭାୟା ପର୍ଯ୍ୟନ୍ତ ୧୦୨ କି.ମି. ରାସ୍ତା ସମ୍ପ୍ରସାରଣ ହେବ। ତେବେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ କୋଠାଘର, ମନ୍ଦିର, ବ୍ୟବସାୟିକ ଅନୁଷ୍ଠାନ ଓ ବିଦ୍ୟାଳୟ ରହିଥିବାବେଳେ ବର୍ତ୍ତମାନ ସ୍ଥିତିରେ ରାସ୍ତାର ଉଭୟ ପାର୍ଶ୍ୱରେ କୋଠାଘର ନିର୍ମାଣ କାର୍ଯ୍ୟ ଚାଲୁଥିବା ଦେଖାଯାଇଛି। ହେଲେ ପ୍ରଶାସନ ପକ୍ଷରୁ ସଚେତନ କରାଯାଉନାହିଁ। ତେବେ ଆଗାମୀ ଦିନରେ ଗୃହ ମାଲିକ ବହୁ କ୍ଷତି ସହିବେ ବୋଲି ବୁଦ୍ଧିଜୀବୀମାନେ ପୂର୍ବାନୁମାନ କରିଛନ୍ତି। ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ଜାତୀୟ ରାଜପଥର ମାନ୍ୟତା ହାସଲ କରିଥିବା ରାସ୍ତାର ଉଭୟ ପାର୍ଶ୍ୱ ଚଉଡା ସମ୍ବନ୍ଧରେ ବିଭାଗ ପକ୍ଷରୁ ମାପଚୁପ କରାଯାଇ ଜମି ମାଲିକଙ୍କୁ ପୂର୍ବରୁ ଅବଗତ କରାଗଲେ ନିର୍ମାଣ ଚାଲିଥିବା ଘର ଭଙ୍ଗାଯିବାରୁ ବର୍ତ୍ତି ପାରନ୍ତା ବୋଲି ଅଭିଜ୍ଞ ବ୍ୟକ୍ତିମାନେ କହିଛନ୍ତି। ସୂଚନାଯୋଗ୍ୟ, ୨୦୦୨-୦୩ରେ ଯାଜପୁରଟାଉନଠାରୁ ମଙ୍ଗଳପୁର ଭାୟା କୟାଁଗୋଲା ପର୍ଯ୍ୟନ୍ତ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିଲା। ୨୦୦୫-୦୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୫ ନଂ ଜାତୀୟ ରାଜପଥର ଷଠିପୁରଠାରୁ ଯାଜପୁରଟାଉନ୍ ଦେଇ ମଙ୍ଗଳପୁର ଭାୟା କୟାଁଗୋଲା ପର୍ଯ୍ୟନ୍ତ ଉକ୍ତ ରାସ୍ତାକୁ ରାଜ୍ୟ ରାଜପଥର ମୋହର ଲଗାଇ ରାସ୍ତାର ଉନ୍ନତୀକରଣ ବାବଦରେ ୨୩ କୋଟି ୮୭ ଲକ୍ଷ ୮୪ ହଜାର ୭୪୨ ଟଙ୍କା ବ୍ୟୟ କରିଥିଲେ। ତେବେ ୨୦୧୬-୧୭ରେ କୁଆଖିଆଠାରୁ ଯାଜପୁରଟାଉନ୍ ମଙ୍ଗଳପୁର ଭାୟା କୟାଁଗୋଲା ଦେଇ ଭଦ୍ରକ ଜିଲାର ସାତଭାୟା ପର୍ଯ୍ୟନ୍ତ ରାସ୍ତାକୁ ୨୦ ନଂ ଜାତୀୟ ରାଜପଥର ମାନ୍ୟତା ପ୍ରଦାନ କରିସାରିଛନ୍ତି। ଆଗାମୀ ଭବିଷ୍ୟତରେ ଯାଜପୁରଟାଉନ୍‌ଠାରୁ କୟାଁଗୋଲା ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ହେବବୋଲି ସେ ସମୟରେ ସରକାରଙ୍କ ପକ୍ଷରୁ ୧୯୭୮ ଏବଂ ୧୯୮୨ରେ ରାସ୍ତାକୁ ଲାଗି ରହିଥିବା ଉଭୟ ପାର୍ଶ୍ୱର ଜମିମାଲିକଙ୍କଠାରୁ ରାସ୍ତାର ଚଉଡା ଅନୁଯାୟୀ ଜମି ଅଧିଗ୍ରହଣ କରାଯାଇଥିଲା। କେତେଜଣ ଜମି ମାଲିକ ସରକାରଙ୍କଠାରୁ ଜମି ଅଧିଗ୍ରହଣ ବାବଦ ଅର୍ଥ ନେଇ ନ ଥିବାରୁ ସରକାର ଉକ୍ତ ଅର୍ଥ ହାଇକୋର୍ଟରେ ଜମା କରିଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଅଧିଗ୍ରହଣ ବାବଦ ଅର୍ଥ ନେଇସାରିଥିବା ଜମି ମାଲିକଙ୍କଠାରୁ ଜମି କିଣୁଥିବା କ୍ରେତାଙ୍କୁ ମାଲିକମାନେ ଅଧିଗ୍ରହଣ ସୂଚନା ନ ଦେଇ ଅଧିକ ଜମି ସହ ମିଶାଇ ବିକ୍ରି କରୁଥିବା ବହୁ ଅଭିଯୋଗ ଶୁଣିବାକୁ ମିଳିଛି। ରାସ୍ତା ସମ୍ପ୍ରସାରଣ ହେଲେ ଭଦ୍ରକ ଜିଲାର ୮ରୁ ୧୦ ବଜାର ଭଙ୍ଗାଯିବ ବୋଲି ଜଣାଯାଇଛି। ବହୁ ବ୍ୟବସାୟୀ ବୃତ୍ତି ହରାଇବା ସହ ରାସ୍ତା କଡରେ ଘରକରି ରହୁଥିବା ବହୁ ଗରିବ ଶ୍ରେଣୀର ଲୋକେ ବେଘର ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଦଶରଥପୁର ତହସିଲଦାର ଜ୍ୟୋତିପ୍ରକାଶ ଦାସଙ୍କୁ ପଚାରିବାରେ, କୁଆଖିଆଠାରୁ ସାତଭାୟା ପର୍ଯ୍ୟନ୍ତ ୨୦ ନଂ. ଯାତୀୟ ରାଜପଥ ନିର୍ମାଣ ହେବ ବୋଲି ବିଭାଗ ପକ୍ଷରୁ ରାସ୍ତାକଡରେ ବୋର୍ଡ ଲଗା ସରିଲାଣି। ହେଲେ ରାସ୍ତା ସମ୍ପ୍ରସାରଣ ସମ୍ପର୍କରେ ତାଙ୍କ ପାଖକୁ କୌଣସି ସରକାରୀ ଚିଠି ଆସିନାହିଁ। ଚିଠି ଆସିଲେ ନିର୍ଦ୍ଦେଶ ଅନୁଯାୟୀ ରାସ୍ତା ସମ୍ପ୍ରସାରଣ କରାଯିବ ବୋଲି କହିଛନ୍ତି।

## ଭାଜପାର କାର୍ଯ୍ୟକାରିଣୀ ବୈଠକ




କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

**ଯାଜପୁରରୋଡ,୧୨।୧୧(ନି.ପ୍ର.)**

ସ୍ଥାନୀୟ ଏକ ମଣ୍ଡପରେ ଭାଜପା ପକ୍ଷରୁ ସୋମବାର ଜିଲାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ଜିଲା ସଭାପତି ଗୌତମ ରାୟ ଅଧକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ସମୀର ଦେ ଯୋଗଦେଇ ରାଜ୍ୟ ସରକାରଙ୍କ ଅପାରଗତା ଓ ଦୁର୍ନୀତି ବିରୋଧରେ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଥିଲେ। ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଯାଇଥିଲା। ବିନା ପିସିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ୟାନ୍ୟ ଯୋଜନାର କାର୍ଯ୍ୟାଦେଶ ଦିଆଯାଉନାହିଁ। ଯାଜପୁର ଜିଲାର ପ୍ରତ୍ୟେକ ବ୍ଲକ ତହସିଲ ପିସି ନ ଦେଲେ କାର୍ଯ୍ୟ ହେଉନାହିଁ। ଏହା ବିରୋଧରେ ଭାଜପା ଜନମତ ସୃଷ୍ଟି କରିବ। ଆଗାମୀ ଦିନରେ ସମସ୍ତ ପଞ୍ଚାୟତରେ ପଦଯାତ୍ରା ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ବିଜେଡି ସହଭାଗୀତାରେ ହେଉଥିବା ଦୁର୍ନୀତିକୁ ଲୋକଲୋଚନକୁ ଆଣି ରଣହୁଙ୍କାର ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ବଡ଼ଚଣା ଯୁବନେତା ଅମର ନାୟକ, କୋରେଇର ଭାଜପା ନେତା ବିଶ୍ୱଜିତ ନାୟକ, ବରୀର ବିଶ୍ୱରଞ୍ଜନ ମଲିକ, ବିଞ୍ଝାରପୁରର ବବିତା ମଲିକ, ଅମିୟ ମଲିକ, ଧର୍ମଶାଳାର ସୁର ପଣ୍ଡା, ସର୍ବେଶ୍ୱର ବେହୁରା, ଜିଲା ସାଧାରଣ ସମ୍ପାଦକ ସୁଦିପ୍ତ ପଣ୍ଡା, କୋରେଇ ବ୍ଲକ ଅଧକ୍ଷା ମାଳତୀ ଟୁଡୁ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଭାଜପାର ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ।

## ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଧାରଣା

**ଚଣ୍ଡିଖୋଲ/ସିଂହପୁର, ୧୨।୧୧(ଡି.ଏନ୍.ଏ.)**



ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଧାରଣା ଦିଆଯାଇଛି।

ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ନବର୍ନିମାଣ କୃଷକ ସଂଗଠନ ପକ୍ଷରୁ ସୋମବାର ବଡ଼ଚଣା ବ୍ଲକର ୪୩ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଚାଷୀମାନେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଧାରଣାରେ ବସିବା ସହ କରି ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସ୍ନ ପାଇଁ ଦାବି କରିଥିଲେ। ଗତ ୮ ତାରିଖରେ ଭୁବନେଶ୍ୱରଠାରେ ବିଶାଳ ଚାଷୀ ସମାବେଶକୁ ଭଣ୍ଡୁର କରିବା ପାଇଁ ସରକାର ଚାଷୀଙ୍କୁ ସୁଯୋଗ ଦେଇ ନ ଥିଲେ। ବଡ଼ଚଣା ବ୍ଲକ ସଂଯୋଜକ ଅଶୋକ କୁମାର ଶାନ୍ତି, ସୁବାସ ଖଣ୍ଡାୟୀ, ଶିଶିର ସାମଲ, ପ୍ରଶାନ୍ତ ସ୍ୱାଇଁ, ପ୍ରଭାତ ପଣ୍ଡା, ପ୍ରତାପ ଜେନା, ନିରଞ୍ଜନ ବଳସାମନ୍ତ, ରଞ୍ଜିତ ସାମଲ, ସେକ୍ ଆକବର ଅଲ୍ଲି ପ୍ରମୁଖ ଧାରଣାର ନେତୃତ୍ୱ ନେଇଥିଲେ। ସେହିପରି ବିଭିନ୍ନ ଦାବି ନେଇ ନବନିର୍ମାଣ କୃଷକ ସଂଗଠନ ତରଫରୁ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ମୁଖରେ ଧାରଣା ଦିଆଯାଇଥିଲା। ନବ ନିର୍ମାଣ କୃଷକ ସଙ୍ଗଠନର ଉପଦେଷ୍ଟା ଭୂବନାନନ୍ଦ ସାମଲ, ପୂର୍ବତନ ସମିତି ସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ଜରୀ ସରପଞ୍ଚଙ୍କ ପ୍ରତିନିଧି ମନୋଜ ସାମଲ, ସନ୍ତୋଷ ଧଳ, ଗୋବିନ୍ଦ ନାୟକ, ଗିରିଧାରୀ ମଲିକ, ସୁରେଶ ନନ୍ଦ, ଜ୍ଞାନରଞ୍ଜନ ଜେନା, ବାବୁରାମ ନାୟକ, ସରସ୍ୱତୀ ମଲିକ, ଅଶୋକ ପାତ୍ର, ନିମାଇଁ ଚରଣ ଦାସ, ସତ୍ୟ ରଞ୍ଜନ ବେହେରାଙ୍କ ସମେତ ବହୁ ଚାଷୀ ଧାରଣାରେ ସାମିଲ ହୋଇଥିଲେ।

## ଚକ୍ଷୁ ଚିକିତ୍ସା ଶିବିର

**ବାଲିଚନ୍ଦ୍ରପୁର,୧୨।୧୧(ସ୍ୱ.ପ୍ର.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ପଞ୍ଚାୟତସ୍ଥିତ କେଶରାଇପୁର ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲଠାରେ ଶ୍ରୀମା ଟ୍ରଷ୍ଟ ପ୍ରେମ ଆଶ୍ରମ, ଥାନେ ମହାରାଷ୍ଟ୍ରର ଶ୍ରୀ ତାରାମାତା ଜନମଙ୍ଗଳ କେନ୍ଦ୍ର ନୂଆପଡ଼ା ଯାଜପୁର, ପଲାଇ ଗ୍ରାମପଞ୍ଚାୟତ ଓ ପ୍ରେସ୍ କ୍ଲବ ବାଲିଚନ୍ଦ୍ରପୁର ମିଳିତ ଆନୁକୂଲ୍ୟରେ ରବିବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲିଚନ୍ଦ୍ରପୁର ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ଶିବିର ଉଦ୍‌ଘାଟନ କରିଥିଲେ। ରାହିଦ୍ ପରଓ୍ୱାନି, ବିଜୟ ଯାଦବ, ସୁମତୀ ମାଲଓ୍ୱାରୀ, ରୋସନ୍ ପରଓ୍ୱାନି, ରାଜୁ ଚାନ୍ଦଓ୍ୱାନି, ଅଙ୍କୁର ପହି ଓ ଜାରକାସ୍ଥିତ ଭୂମିକା ହସ୍ପିଟାଲର ସନ୍ତୋଷ କୁମାର ମଲିକ, ଦେବେନ୍ଦ୍ର କୁମାର ଜେନା, ସୂର୍ଯ୍ୟସ୍ମିତା ବେହେରା ପ୍ରମୁଖ ଶତାଧିକ ରୋଗୀଙ୍କୁ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୨୨ମୋତିଆବିନ୍ଦୁ ରୋଗୀ ଚିହ୍ନଟ କରାଯାଇ ଭୂମିକା ହସ୍ପିଟାଲକୁ ନିଆଯାଇଛି।

## ଆମ ପୋଲିସ ସମିତି ବୈଠକ




ଆମ ପୋଲିସ ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ସଦସ୍ୟମାନେ।

**କୋରେଇ,୧୨।୧୧(ସ୍ୱ.ପ୍ର.)**

ମୂଳାପାଳ ପଞ୍ଚାୟତ କାର୍ଯ୍ୟାଳୟଠାରେ ରବିବାର ପାଣିକୋଇଲି ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଦସ୍ୟ ସୁବାସ ଧଳ ସଭାପତିତ୍ୱ କରିଥିଲେ। ଥାନାଧିକାରୀ ଅଜୟ କୁମାର ଜେନା ବିବରଣୀ ପାଠ କରିଥିଲେ। ସମିତି ପକ୍ଷରୁ ଆସନ୍ତା ୨୪ ତାରିଖରେ ଲିଙ୍ଗେଶ୍ୱର ପୀଠରେ ସ୍ୱଚ୍ଛତା ଅଭିଯାନ ଓ ମାସ ଶେଷବେଳକୁ ଯୋଗ ଶିବିର କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅଦ୍ୱୈତ ଚରଣ ଦାସ, ରାମଚନ୍ଦ୍ର ବେହେରା, ନୃସିଂହ ଚରଣ ଦଳାଇ, ତାରିଣୀ ପଟ୍ଟନାୟକ, ଅଶୋକ ସାହୁ, ଦୋଳଗୋବିନ୍ଦ ସେଠୀ, କୁଳମଣୀ ମହାରଣା, ପ୍ରଫୁଲ୍ଲ କୁମାର ଦାସ, ମାନସ ଧଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଥାନା ପକ୍ଷରୁ ନିର୍ମଳ ସାହୁ, ସୁଶାନ୍ତ ଦାଶ, ଚିତ୍ତରଞ୍ଜନ ମିଶ୍ର, ସରପଞ୍ଚଙ୍କ ପ୍ରତିନିଧି ସଞ୍ଜୀବ ନାୟକ, ସମିତିସଭ୍ୟା ପ୍ରତିନିଧି ପ୍ରକାଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

**କଳିଙ୍ଗନଗର,୧୨।୧୧(ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ଓଷ୍ଟାର ସାମ୍ବିଧାନୀକ ସମ୍ମିଳନୀ ରବିବାର ସ୍ଥାନୀୟ ପଲ୍ଲିଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିନାୟକ ରାଏଙ୍କ ସଭାପତିତ୍ୱରେ ସମ୍ମିଳନି ଆୟୋଜିତ ହୋଇଥିଲା। ସମ୍ପାଦକ ଅଜୟ କୁମାର ପଣ୍ଡା ସମ୍ପାଦକୀୟ ବିବରଣିପାଠ କରିଥିଲେ। ଯୁଗ୍ମ ସମ୍ପାଦକ ରାଜୀବ ଲୋଚନ ରାଉତ ଓ ଅଶୋକ କୁମାର ବେହେରା, ଜିଲା ସଭାପତି ସନ୍ତୋଷ କୁମାର ବିଶ୍ୱାଳ, ସୁନନ୍ଦ କୁମାର ରାଉତ, ବ୍ରଜ କିଶୋର ବିଶ୍ୱାଳ, ଅମୂଲ୍ୟ କୁମାର ଦାସ, ଯୁଗପ୍ରଭା ସାବତ, ବଷ୍ଣୁ ଚରଣ ନାଥ, ପ୍ରତାପ କୁମାର ପହି, ରମେଶ ଚନ୍ଦ୍ର ବେହେରା, ବିଷ୍ଣୁ ଚରଣ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମାସ୍ୟା ଓ ସମାଧାନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଦାନଗଦୀ ବ୍ଲକ ଓଷ୍ଟାର କାର୍ଯ୍ୟକାଳ ସମାପ୍ତ ହୋଇ ଥିବାରୁ ଏକ ନୂତନ କମିଟି ଗଠିତ ହୋଇଛି। ନୂତନ କମିଟିରେ ସଭାପତିଭାବେ ବିନାୟକ ରାଏ(ମାଣତିରା ହାଇସ୍କୁଲ), ଉପସଭାପତି ଭାବେ ଗୌରାଙ୍ଗ ଚରଣ ବାରିକ ଓ ପରମେଶ୍ୱରୀ ଦେବାସିନୀ, ସମ୍ପାଦକଭାବେ (ପଲ୍ଲିଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ)ର ପ୍ରଧାନ ଶିକ୍ଷକ ଅଜୟ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ପ୍ରଭାକର ପ୍ରଧାନ, ଅଶୋକ କୁମାର ବେହେରା, ରାଜ୍ୟ ପରିଷଦ ସଭ୍ୟଭାବେ ରବିନ୍ଦ୍ର କୁମାର ପତିଙ୍କୁ ମନୋନୀତ କରାଯାଇଛି। ଅଶୋକ କୁମାର ବେହେରା, ସୁରେଶ ଚନ୍ଦ୍ର ବେହେରା, ଜିଲାପରିଷଦ ସଭ୍ୟ ଶରତ କୁମାର ବାରିକ, ଦିବ୍ୟ ଲୋଚନ ସ୍ୱାଇଁ, ହରେକୃଷ୍ଣ ମହାନ୍ତି, ପୀତାମ୍ବର ସାହୁ, ମଦନ ମୋହନ ପରିଡା ପ୍ରମୁଖ ଉପସ୍ଥିତଥିଲେ। ବ୍ଲକ କମିଟିକୁ ରତ୍ନାକର ନାୟକ ଓ ନିହାରିକା ପାତ୍ରଙ୍କୁ ମନୋନୀତ କରାଯାଇଥିଲା। ଶିକ୍ଷକ ପ୍ରତିନିଧୀମାନଙ୍କୁ ଶପଥ ପାଠ କରାଯାଇଥିଲା। ଶେଷରେ ଶିକ୍ଷକ ଗଣେଷ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସତ୍ୟସାଇ ସେବା ସମିତିର ଅଖଣ୍ଡନାମ ସଂକୀର୍ତ୍ତନ

**ଧର୍ମଶାଳା,୧୨।୧୧(ଡି.ଏନ୍.ଏ.)**

ଭଗବାନ ଶ୍ରୀ ସତ୍ୟସାଇ ସେବା କମିଟି ଜାରକା ପକ୍ଷରୁ ୨୪ ଘଣ୍ଟାଧରି ଅଖଣ୍ଡ ଭଜନ ଗାନ ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇ ରବିବାର ଶେଷ ହୋଇଛି। ଆବାହକ ପବିତ୍ରମୋହନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆଧ୍ୟାତ୍ମିକ ସଂଯୋଜକ ଜତିନ୍ଦ୍ର ମୋହନ ଦାସ, ସେବା ସଂଯୋଜକ ଅର୍ଜୁନ ଚରଣ ରାଉତ, ରଞ୍ଜନ କୁମାର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ଅରୁନ୍ଧତୀ ସାହୁ ଓ ନମିତା ଶାନ୍ତି ସମେତ ସାଥୁଆପାଟଣା ଓ ନିଶିମଳା ସେବାଗୁପର ଭାଇ ଓ ଭଉଣୀମାନେ ଏହି ଅଖଣ୍ଡ ଭଜନରେ ଅଂଶଗ୍ରହଣ କରିଥିଲେ। ସେହିପରି ନୀଳକଣ୍ଠପୁର ସତ୍ୟସାଇ ସେବା ସମିତି ପକ୍ଷରୁ ଅଖଣ୍ଡ ଭଜନ ଆବାହକ ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ତତ୍ତ୍ୱାବଧାନରେ ସମିତିର ସମସ୍ତ ଭାଇ ଓ ଭଉଣୀମାନେ ଅଂଶଗ୍ରହଣ କରିଥିଲେ।

## ଜିଲାସ୍ତରୀୟ ଯୁବୋତ୍ସବ ଉଦ୍‌ଯାପିତ

**ଯାଜପୁର ଅଫିସ,୧୨।୧୧**

ଯାଜପୁର ଜିଲାସ୍ତରୀୟ ଯୁବ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଜିଲା କ୍ରୀଡା ବିଭାଗ ପକ୍ଷରୁ ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ଆୟୋଜିତ ଉତ୍ସବରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଯୁବକ ମଧ୍ୟରେ ବିପୁଳ ସମ୍ବଳ ଭରି ରହିଛି ବୋଲି କହିଥିଲେ। ସହକାରୀ ଜିଲାପାଳ ଉମେଶଚନ୍ଦ୍ର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ପ୍ରମୁଖ ଯୋଗଦେଇ ଯୁବ ପ୍ରତିଯୋଗୀଙ୍କ ପ୍ରତିଭାର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଜୁ ଯୁବବାହିନୀର ପ୍ରୋଗ୍ରାମ ଅଫିସର ସତ୍ୟରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ, ଜିଲାସ୍ତରର ବିଭିନ୍ନ ବିଭାଗର ପ୍ରଥମ ପ୍ରତିଯୋଗୀମାନେ ଯାଜପୁରରେ ଚଳିତ ମାସ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୨୪ତମ ରାଜ୍ୟସ୍ତରୀୟ ଯୁବ ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି।

ହୋଇପାରୁନି ଏଲ୍ଇଡି ଲାଇଟ୍ ସଂଯୋଗ

# ଅନ୍ଧାରରେ ସହରର ୮୦ ଭାଗ ଅଞ୍ଚଳ

**ଯାଜପୁରରୋଡ,୧୨।୧୧(ନି.ପ୍ର.)**

ବ୍ୟାସନଗର ପୌର ପରିଷଦରେ ଏଲଇଡି ଲାଇଟ୍ ସଂଯୋଗୀକରଣ ପାଇଁ ଦେଢ ବର୍ଷ ହେବ ଟେଣ୍ଡର ହୋଇସାରିଥିଲା। କିନ୍ତୁ ପୌର ପରିଷଦ ଅଧକ୍ଷା ଓ କାଉନସିଲରଙ୍କ ମଧ୍ୟରେ ବିବାଦ ଯୋଗୁ ଲାଇଟ୍ ସଂଯୋଗରେ ବିଳମ୍ବ ହେଉଛି। ନିକଟସ୍ଥ ଯାଜପୁର, ଆନନ୍ଦପୁର ପୌର ପରିଷଦ ଓ ଭୁବନ ଏନ୍ଏସିରେ ଏଲଇଡି ଲାଇଟ୍ ସଂଯୋଗ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ବ୍ୟାସନଗରବାସୀ ଲାଇୟ୍ ସଂଯୋଗ ପାଇଁ ଚାହିଁ ବସିଛନ୍ତି। ଫଳରେ ସହରର ୮୦ ଭାଗ ଅଞ୍ଚଳ ଅନ୍ଧାର ରହିଛି। ସରକାରଙ୍କ ଉନ୍ନତି ଯୋଜନାରେ ପ୍ରତ୍ୟେକ ୱାର୍ଡକୁ କାର୍ଯ୍ୟ ପାଇଁ ୨୫ ଲକ୍ଷ ଟଙ୍କା ଅନୁଦାନ ମିଳିଛି। ହେଲେ ଉନ୍ନତି ଯୋଜନାର ଟେଣ୍ଡର କରା ନ ଯାଇ ବିଧାୟକଙ୍କ ଚିଠା ଉପରେ ପୂର୍ତ୍ତ ବିଭାଗ କାର୍ଯ୍ୟ କରୁଛି। ଏଲଇଡି ଲାଇଟ୍ ସଂଯୋଗ ପାଇଁ ୨ ମାସ ତଳେ ଠିକାଦାର ପୌର ପରିଷଦ କାର୍ଯ୍ୟାଳୟରେ ଲାଇଟ୍ ଗଚ୍ଛିତ ରଖିଥିଲେ। ହେଲେ ଶାସକ ଦଳ ଠିକାଦାରଙ୍କୁ ଚାନ୍ଦା ମାଗିବାରୁ ଏବଂ ପୌର ପରିଷଦ ସହଯୋଗ ନ କରିବାରୁ ଠିକାଦାର ନିର୍ଦ୍ଧାରିତ ସମୟରେ ଲାଇଟ୍ ସଂଯୋଗ କରିପାରିଲେ ନାହିଁ। ଫଳରେ ଟେଣ୍ଡର ଅବଧି ଶେଷ ହେବାରୁ ସେ କାର୍ଯ୍ୟ ଛାଡି ପଳାଇଯାଇଛନ୍ତି। ପୌର ପରିଷଦ ପକ୍ଷରୁ ନୂତନ ଲାଇଟ ଲଗାଇବା ପାଇଁ ନିୟମ ନାହିଁ। ପୁଣି ଟେଣ୍ଡର ହେଲେ ଲାଇଟ୍ ସଂଯୋଗ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଏଲଇଡି ଲାଇଟ୍ ସଂଯୋଗ ପାଇଁ ଆଉ ବର୍ଷେ ଲାଗିବ ବୋଲି ଶୁଣାଯାଉଛି। ବ୍ୟାସନଗର ପୌର ପରିଷଦ ଦାୟିତ୍ୱରେ ଥିବା ପ୍ରଶାସକ ତଥା ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କୁ ପଚାରିବାରେ, ଏଲଇଡି ସଂଯୋଗୀକରଣ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଚିଠି ଲେଖିଛନ୍ତି। ଏ ସମ୍ପର୍କରେ ମଧ୍ୟ ନିର୍ଦ୍ଦେଶକଙ୍କ ସହ କଥାବାର୍ତ୍ତା ହୋଇଛନ୍ତି ବୋଲି କହିଥିଲେ।

■ ଜିଲାପାଳ, ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

# ପ୍ରଚାର, ପ୍ରସାର ଅଭାବରୁ କମିଲେ ଅଭିଯୋଗକାରୀ

**ବଡ଼ଚଣା ବ୍ଲକ**

■ ୪୩ ପଞ୍ଚାୟତରୁ ଦାଖଲ ହୋଇଥିଲା ୨୫୧ ଅଭିଯୋଗପତ୍ର

■ ୩୭ ସମସ୍ୟାର ତତ୍କାଳ ସମାଧାନ

■ ଚିକିତ୍ସା ପାଇଁ ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା



ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀମାନେ।

**ଚଣ୍ଡିଖୋଲ,୧୨।୧୧,(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଠିକ୍‌ଭାବେ ପ୍ରଚାର ହୋଇ ନ ଥିବାରୁ ସାଧାରଣ ଲୋକେ ଶିବିର ସମ୍ପର୍କରେ ଖବର ପାଇପାରି ନ ଥିବା ଅଭିଯୋଗ ହୋଇଛି। ଫଳରେ ଶିବିରରେ ବିଭିନ୍ନ ବିଭାଗରୁ ବହୁ ସଂଖ୍ୟକ ଅଧିକାରୀ ଶିବିରରେ ଯୋଗ ଦେଇଥିଲା ବେଳେ ଅଭିଯୋଗକାରୀଙ୍କ ସଂଖ୍ୟା ଖୁବ୍ କମ୍ ଥିବା ଦେଖାଯାଇଛି। ବ୍ଲକର ମୋଟ ୪୩ ପଞ୍ଚାୟତରୁ ମାତ୍ର ୨୫୧ ଅଭିଯୋଗପତ୍ର ଦାଖଲ ହୋଇଥିଲା। ସାମୂହିକ ୯ ଓ ବ୍ୟକ୍ତିଗତ ଭାବେ ୨୪୦ ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୩୭ ସମସ୍ୟାର ତତ୍କାଳ ସମାଧାନ ହୋଇଥିଲା। ସୁଙ୍ଗୁଡ଼ା ଗ୍ରାମର ଶୈଳବାଳା ଜେନା ଓ ଗୋବଣ୍ଡିଆ ଗ୍ରାମର ଅକ୍ଷୟ ମଳିକଙ୍କୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ହଜାର ଲେଖାଏ ମୋଟ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅର୍ଥ ହେରେଫେର, ପାଇଖାନା ନିର୍ମାଣ, ଭତ୍ତା ପ୍ରଦାନରେ ଅନିୟମିତତା ଉପରେ ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ବିଦ୍ୟୁତ ଯୋଗାଣରେ ଅବହେଳା, ଆମ ଗାଁ ଆମ ବିକାଶ ଯୋଜନା ପ୍ରକଳ୍ପ ଚୟନରେ ଅନିୟମିତତା ଆଦି ସମସ୍ୟା ନେଇ ଅଭିଯୋଗପତ୍ର ଦାଖଲ ହୋଇଥିଲା। ଧାନମଣ୍ଡଳ ପଞ୍ଚାୟତର ବିଜୁ ପକ୍କାଘର ପାଇଥିବା ହିତାଧିକାରୀ ଶ୍ରୀଧର ସାହୁ ମୋଟ ୯୫ ଦିନର ଏମ୍‌ଜିଏନ୍ଆର୍‌ଇଜିଏସ୍ ଅର୍ଥ ପାଇ ନ ଥିବା, ଅଣକା ପଞ୍ଚାୟତର ଜଣେ ବିଧବା ମହିଳା ବାରମ୍ବାର ନ୍ୟାୟ ପାଇଁ ଥାନାକୁ ଦୌଡୁ ଥିଲେ ମଧ୍ୟ ତାଙ୍କୁ ନ୍ୟାୟ ନ ମିଳିବାରୁ ଜନଶୁଣାଣିରେ ଏସ୍‌ପିଙ୍କୁ ଗୁହାରି କରିଥିଲେ। ଜିଲାପାଳ ରଞ୍ଜନ କୁମାର ଦାସ, ଏସ୍‌ପି ଚରଣ ସିଂ ମୀନା, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଇନ୍ଦ୍ରମଣି ନାୟକ, ଦର୍ପଣ ତହସିଲଦାର ଅଶୋକ ଦାସ, ବଡ଼ଚଣା ବିଡିଓ ଅଜିତ୍ ଗିରି, ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଶିବିରରେ ଯୋଗଦେଇଥିଲେ।



ମିତବ୍ୟୟିତା ମନୁଷ୍ୟର ଏକ ମହତ ଗୁଣ, ଏହା ମନୁଷ୍ୟକୁ ସତ୍ୟବାଦୀ ଓ ନିର୍ଭୀକ ହେବା ନିମନ୍ତେ ବରାବର ସାହାଯ୍ୟ କରିଥାଏ।

-ଇନ୍ଦିରା ଗାନ୍ଧୀ



## ସଂକ୍ଷେପରେ

### ଟ୍ରକ୍‌କୁ ପିଟିଲା ବାଇକ୍: ଆରୋହୀ ଗୁରୁତର

ରସୁଲପୁର,୧୨।୧୧(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ନିକଟସ୍ଥ ୧୬ନଂ ଜାତୀୟ ରାଜପଥ ବ୍ରାହ୍ମଣୀ ପୋଲରେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣା ଘଟି ବାଇକ ଆରୋହୀ ମନୋଜ ସାହୁ(୨୫) ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି । ପ୍ରକାଶ ଯେ, କୁଆଖିଆ ଥାନା ଅନ୍ତର୍ଗତ ସିଂହାପୁର ପଞ୍ଚାୟ ବଇଁଚମୂଳି ଗ୍ରାମର ନଟ ସାହୁଙ୍କ ପୁଅ ମନୋଜ ଏକ ବାଇକ୍ (ନଂ- ଓଡି୦୫ଇ୬୧୨୩) ଯୋଗେ ବାରବାଟୀରୁ ଜାରକା ଆଡକୁ ଯାଉଥିଲେ। ପୋଲ ଉପରେ ବାଇକ୍‌ଟି ଏକ ଟ୍ରକ୍‌କୁ ଅତିକ୍ରମ କରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ବାଇକ୍‌ଟି ଭାରସାମ୍ୟ ହରାଇ ଟ୍ରକ ସହ ପିଟି ହୋଇଯାଇଥିଲା। ଫଳରେ ବାଇକ ଆରୋହୀ ଦୁର୍ଘଟଣା ସ୍ଥଳରେ ଛିଟିକି ପଡି ଗୁରୁତର ହୋଇଥିଲେ।

### ଆନ୍ତଃ ମହାବିଦ୍ୟାଳୟ ଦୌଡ଼କୁଦ
### ଚିତାଳୋ ମହାବିଦ୍ୟାଳୟ ଚାମ୍ପିୟନ



ବିରଜାକ୍ଷେତ୍ର,୧୨।୧୧(ଡି.ଏନ୍.ଏ): ଉତ୍କଳ ବିଶ୍ୱବିଦ୍ୟାଳୟର ୬୮ତମ ଆନ୍ତଃ ମହାବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା ଅଡ଼ଶପୁର ମହାବିଦ୍ୟାଳୟରେ ୯ତାରିଖରୁ ଆରମ୍ଭ ହୋଇ ୧୧ରେ ଶେଷ ହୋଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟର ୯୨ଟି ମହାବିଦ୍ୟାଳୟରୁ ୮୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ଚିତାଳୋ ମହାବିଦ୍ୟାଳୟର ଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ସର୍ବାଧିକ ୯୨ପଏଣ୍ଟ ପାଇ ଶୀର୍ଷ ସ୍ଥାନ ବଜାୟ ରଖିବା ସହିତ ଦଳଗତ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଛନ୍ତି ଏବଂ ଶୁକଦେବ ମହାନ୍ତି ଏହି ଦୌଡ଼କୁଦ ପ୍ରତିଯୋଗିତାରେ ସର୍ବାଧିକ ୧୮ପଏଣ୍ଟ ପାଇ ବ୍ୟକ୍ତିଗତ ଚାମ୍ପିୟନ୍ ମଧ ହୋଇଛନ୍ତି। ଚିତାଳୋ ମହାବିଦ୍ୟାଳୟର ପ୍ରତିଷ୍ଠାତା ବଦ୍ରୀନାରାୟଣ ରାୟ, ଉପସଭାପତି ପ୍ରବୀର କୁମାର ବରାଳ ଓ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସମସ୍ତ ଖେଳାଳିଙ୍କୁ ଓ କ୍ରୀଡ଼ା ଶିକ୍ଷକଙ୍କୁ ଏହି ସଫଳତା ପାଇଁ ଧନ୍ୟବାଦ ଜଣାଇଛନ୍ତି।

### ଦୁର୍ଘଟଣାଗ୍ରସ୍ତ ଛାତ୍ରୀଙ୍କୁ ରେଡକ୍ରସ୍ ପକ୍ଷରୁ ସହାୟତା

ଜେନାପୁର,୧୨।୧୧(ଡିଏନଏ): ଯାଜପୁର ଜିଲାର ଚଣ୍ଡିଖୋଲ-ଡୁବୁରୀ ୫୩ନଂ ଜାତୀୟ ରାଜପଥର ବାଘୁଆ ଛକରେ ଗତ ୩ତାରିଖ ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ଅଭିଲିପ୍ସା ସ୍ୱାଇଁ ନାମକ ଜଣେ ଛାତ୍ରୀ ଗୁରୁତର ହୋଇଥିଲେ। ସେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ସୋମବାର ଜିଲା ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବିଡିଓ ଅମ୍ବିକା ପ୍ରାସାଦ ଦାସ ଜେନାପୁର ଥାନା ଭେଜିଗୋଠ ଗ୍ରାମରେ ପହଞ୍ଚି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଚିତ୍ତରଞ୍ଜନ ସ୍ୱାଇଁଙ୍କ ପତ୍ନୀଙ୍କୁ ଭେଟି ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ନଗଦ ୨୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

### ଚାଷୀ ସମାବେଶକୁ ଭଣ୍ଡୁର ପ୍ରତିବାଦରେ ଧାରଣା

ଜେନାପୁର,୧୨।୧୧(ଡିଏନଏ): ନିକଟରେ ରାଜ୍ୟବ୍ୟାପୀ ଅନୁଷ୍ଠିତ ହୋଇଥିବା ଚାଷୀ ସମାବେଶକୁ ପୋଲିସ ସହାୟତାରେ ଭଣ୍ଡୁର କରାଯାଇଥିବା ତଥା ସେମାନଙ୍କ ଉପରେ ହୋଇଥିବା ସରକାରଙ୍କ ଦମନଲୀଳା ପ୍ରତିବାଦରେ ସୋମବାର ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ସୋମବାର ସକାଳ ୯ରୁ ୧୧ ପର୍ଯ୍ୟନ୍ତ ଯାଜପୁର ଜିଲାର ଧର୍ମଶାଳା ବ୍ଲକ ବୃନ୍ଦାଦେଇପୁର ପଞ୍ଚୟତ କାର୍ଯ୍ୟାଳୟ ସମ୍ମୁଖରେ ସଂଗଠନର ଚାଷୀ ପ୍ରତିନିଧି ସୁଶାନ୍ତ କୁମାର ଖଟୁଆଙ୍କ ନେତୃତ୍ୱରେ ଏହି ଗଣଧାରଣା ଦିଆଯାଇଥିଲା। ଚନ୍ଦ୍ରମଣି ସାହୁ, ବିଜୟ ସ୍ୱାଇଁ, କୈଳାଶ ସାହୁ, ବଂଶୀଧର ସାହୁ, ଧନେଶ୍ୱର ଭୂୟାଁଙ୍କ ସମେତ ବହୁ ଚାଷୀ ସାମିଲ ହୋଇ ସରକାରଙ୍କ ଏତାଦୃଶ୍ୟ କାର୍ଯ୍ୟକୁ ଘୋର ନିନ୍ଦା କରିଥିଲେ ଏବଂ ନାରାବାଜି ମାଧମରେ କୃଷି ଋଣ ଛାଡ କରିବା ସହିତ ଚାଷୀଙ୍କୁ ତୁରନ୍ତ ସୁରକ୍ଷା ଭତ୍ତା ଯୋଗାଇ ଦେବାକୁ ଦାବି କରିଥିଲେ।

## ଓସିଏଲ୍ ସିମେଣ୍ଟ କାରଖାନାର ହେବ ସମ୍ପ୍ରସାରଣ

# ଶୋଷିବ ଭୂତଳ ଜଳ, ବଢ଼ିବ ଜଳକ୍ଳିଷ୍ଟତା

ଯାଜପୁର ଅଫିସ,୧୨।୧୧





■୬୮୦ ଘନଲିଟର ଭୂତଳ ଜଳ ବ୍ୟବହାର ହେବ

■୨୮ରେ ହେବାକୁ ଥିବା ଜନଶୁଣାଣିକୁ ବିରୋଧ ପାଇଁ ସଜବାଜ

ଯାଜପୁର ଓ କଟକ ଜିଲାର ସୀମାନ୍ତ ବିଶ୍ୱାଳି ଗ୍ରାମରେ ଅବସ୍ଥିତ ଓସିଏଲ୍ ଇଣ୍ଡିଆ ଲିଃର କପିଳାସ ମାନୁଫ୍ୟାକ୍ଚରିଂ ୱାର୍କର ବାର୍ଷିକ ୧.୭୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟର କ୍ଷମତା ବାର୍ଷିକ ୪.୨୦ ମେଟ୍ରିକ ଟନକୁ ସମ୍ପ୍ରସାରିତ ପ୍ରସ୍ତାବ ରହିଛି। ଏହି ପ୍ରକଳ୍ପର ସମୁଦାୟ ଅଟକଳ ମୂଲ୍ୟ ୪୧୦କୋଟି ଏବଂ ସମ୍ପ୍ରସାରଣ କାର୍ଯ୍ୟକାରିତା ପାଇଁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ଯାଜପୁର ଜିଲା ପାଇଁ ଆସନ୍ତା ୨୮ ତାରିଖରେ ଅମିୟଝରୀଠାରେ ଏକ ଜନଶୁଣାଣି କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ନିଷ୍ପତ୍ତି ହୋଇଛି। ତେବେ ଏହି ସିମେଣ୍ଟ ୟୁନିଟ ପାଇଁ ଦୈନିକ ୬୮୦ ଘନଲିଟର ଭୂତଳ ଜଳ ବ୍ୟବହାର ହେବ। ଫଳରେ ଖରା ଦିନେ ଜଳକ୍ଳିଷ୍ଟତା ଉତ୍କଟ ହେବ ବୋଲି ଆଶଙ୍କା ପ୍ରକଟ କରିଛନ୍ତି। ଏହାବାଦ ବାୟୁ ଓ ଜଳ ପ୍ରଦୂଷଣରେ ଲୋକେ ଘାଣ୍ଟି ହେବା ନିଶ୍ଚିତ ହେବା ଜାଣି ଜନଶୁଣାଣିକୁ ବିରୋଧ କରାଯିବ ବୋଲି ସୂଚନା ମିଳିଛି।

ଓସିଏଲ୍ ସିମେଣ୍ଟ ସମ୍ପ୍ରସାରଣ ପାଇଁ ସମୁଦାୟ ୩୪୮ ଏକର ଜମି ଅଧିକୃତ କରାଯାଇଛି। ଏଥିମଧ୍ୟରୁ ୧୫୨.୨୬୨ ଏକର ବେସରକାରୀ ଜମି, ୧୮୩.୭୭ ଏକର ସରକାରୀ ଜମିକୁ ଶିଳ୍ପାୟନ ଉଦ୍ଦେଶ୍ୟରେ କିସମ ପରିବର୍ତ୍ତନ କରାଯାଇଛି। ବଳକା ଅଂଶ ୧୧.୯୭ ଏକର ଜଙ୍ଗଲ ଜମିକୁ ଦ୍ୱିତୀୟସ୍ତର ପରିବେଶଗତ ମଞ୍ଜୁରୀ ପ୍ରାପ୍ତ କରାଯାଇଛି। ସେଥିରୁ ୧୧୫ ଏକର ଜମିକୁ ସବୁଜ ବଳୟ ଏବଂ ବୃକ୍ଷରୋପଣ ନିମନ୍ତେ ଉପଯୋଗ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଜଙ୍ଗଲ ସୃଷ୍ଟି ନିମନ୍ତେ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସିମେଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ ନିମନ୍ତେ ପ୍ରତିଦିନ ପ୍ରାୟ ୬୮୦ ଘନ ଲିଟର ଜଳର ଆବଶ୍ୟକତା ପଡିବ। ପ୍ରକଳ୍ପ ନିକଟରେ କୌଣସି ନଦୀନାଳ ପ୍ରବାହିତ ହେଉ ନ ଥିବାରୁ ଭୂତଳ ଜଳ ବ୍ୟବହାର କରାଯିବ। ପ୍ରକଳ୍ପ ପରିସରରେ ଏକାଧିକ ବୋରୱେଲ ନିଶ୍ଚିତ ଭାବେ ଖୋଳାଯିବ। ଯଦ୍ୱାରା ପୂର୍ବରୁ ପାନୀୟ ଜଳ ସମସ୍ୟାରେ ରୁନ୍ଧି ହେଉଥିବା ଗ୍ରାମବାସୀ ଆହୁରି ପାଣି ପାଇଁ ହାହାକାର ହେବେ ବୋଲି କୁହାଯାଉଛି। ପୂର୍ବରୁ ଯାଜପୁର ଜିଲାର ଅମିୟଝରୀ, ବଇରି, ପାରିଆ ଆଦି ଅଞ୍ଚଳରେ ଖରା ମାସରେ ନଳକୂପ ଶୁଖି ଯାଇଥାଏ। ଓଏସିଏଲ ସିମେଣ୍ଟ କମ୍ପାନୀ ପରିସରରେ ଏକାଧିକ ବୋରୱେଲ ଖନନ କରାଯାଇ ଭୂତଳ ଜଳ ଶୋଷୁଥିବାରୁ ଏହି ପରସ୍ଥିତି ସୃଷ୍ଟି ହୋଇଥାଏ। ପୁଣି ପ୍ରକଳ୍ପ ସମ୍ପ୍ରସାରଣ ହେଲେ ଦୈନିକ ୬୮୦ ଘନ ଲିଟର ଜଳ ପାଇଁ ଆହୁରି ବୋରୱେଲ ଖନନ କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ପତ୍ରସଂଖ୍ୟା ୫୧୬/୧।୩।୨୦୧୬ରେ ସଂସ୍ଥାଗୁଡିକ ନିଜ ନିଜ କାରଖାନା ଅଞ୍ଚଳରେ ବୋରୱେଲ ଖନନ କରି ଭୂତଳ ଜଳ ବ୍ୟବହାର କରୁଥିବାରୁ ଜଳସ୍ତର ନିମ୍ନଗାମୀ ହୋଇ ଖରା ଦିନେ ନଳକୂପଗୁଡିକରେ ଆବଶ୍ୟକ ପାଣି ବାହାରୁ ନ ଥିବା ସ୍ୱୀକାର କରିଛନ୍ତି। ଏଭଳି ସ୍ଥଳେ ଓସିଏଲ ଦୈନିକ ୬୮୦ ଘନ ଲିଟର ଭୂତଳ ଜଳ ବ୍ୟବହାର କଲେ ନିଶ୍ଚିତ ଭାବେ ଅଞ୍ଚଳବାସୀ ପାଣି ପାଇଁ ହାହାକାର ହେବେ ବୋଲି ମତପ୍ରକାଶ ପାଇଛି। ଏହାସହ ସମ୍ପ୍ରସାରଣ ସମୟରେ ପ୍ରତ୍ୟେକ୍ଷ ଭାବେ ୫୦ଜଣ ଶ୍ରମିକଙ୍କ ଆବଶ୍ୟକତା ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ହେଲେ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ନ ଦେଇ ବାହାରୁ ଅଧିକ ନିଯୁକ୍ତି ଦେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ମୁଖ୍ୟତଃ ପାରିଆ ଅଞ୍ଚଳକୁ ଲାଗି ଜଙ୍ଗଲ ରହିଛି। ଏଠାକାର ମୁଣ୍ଡା, ସନ୍ତରା ଆଦି ଆଦିବାସୀ ସମ୍ପ୍ରଦାୟର ଲୋକ ଜଙ୍ଗଲ ଉପରେ ନିର୍ଭରଶୀଳ। ହାତୀଙ୍କ ଆଗମନ ସହ ବିଭିନ୍ନ ପ୍ରଜାତୀର ପଶୁପକ୍ଷୀଙ୍କୁ ଏଠାରେ ଦେଖିବାକୁ ମିଳିଥାଏ। ତେଣୁ ଓସିଏଲ ସିମେଣ୍ଟ କମ୍ପାନୀ ସମ୍ପ୍ରସାରଣ ହେଲେ ବନ୍ୟପ୍ରାଣୀମାନେ ପ୍ରଭାବିତ ହେବେ। ଅନ୍ୟପକ୍ଷରେ ପରିବେଶୀୟ ପ୍ରଭାବ ଆକଳନ ଉପରେ ଓସିଏଲ ପକ୍ଷରୁ ପ୍ରସ୍ତୁତ କାର୍ଯ୍ୟ ନିର୍ବାହୀ ସାରାଂଶରେ ଦର୍ଶାଇଛନ୍ତି ଯେ, ଗ୍ରାଇଣ୍ଡିଂ ୟୁନିଟର କାର୍ଯ୍ୟକାରିତାରେ କୌଣସି ପ୍ରକାର ବର୍ଜ୍ୟବସ୍ତୁ ସୃଷ୍ଟି ହେବ ନାହିଁ। ବ୍ୟାଗ୍ ଫିଲଟରଗୁଡିକୁ ସିମେଣ୍ଟ ମଲ୍‌ର ଚିମିନି ସହିତ ସଂଯୋଗ କରାଯିବ। ଆବଶ୍ୟକତା ଅନୁଯାୟୀ ଧ୍ୱନି ଶୋଷକ ଆବଦ୍ଧକ ବ୍ୟବହାର କରାଯିବ। ପ୍ରସ୍ତାବିତ ପ୍ରକଳ୍ପ ମଧରେ କୌଣସି ପ୍ରକାର ଜୀବଜନ୍ତୁ ଦେଖାଯାଏ ନାହିଁ। ମନୁଷ୍ୟକୃତ ଜଙ୍ଗଲ ସୃଷ୍ଟି ନିମନ୍ତେ ୫ ବାର୍ଷିକ ଯୋଜନା କରାଯାଇଛି ବୋଲି ସାରାଂଶରେ ଦର୍ଶାଯାଇଛି।

### ଶିଶୁ ମଙ୍ଗଳ କମିଟି ଦ୍ୱାରା ୨ ଶିଶୁ କନ୍ୟା ଉଦ୍ଧାର

ରସୁଲପୁର,୧୨।୧୧(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ମୁଳାପାଳ ଛକ ନିକଟରୁ ସୋମବାର ସନ୍ଧ୍ୟାରେ ଶିଶୁ ମଙ୍ଗଳ କମିଟି ପକ୍ଷରୁ ୨ଜଣ ଶିଶୁ କନ୍ୟାଙ୍କୁ ଉଦ୍ଧାର କରାଯାଇଛି । ଜିଲା କମିଟି ଅଧକ୍ଷା ରୀତା ବେହେରାଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ଏକ କାର୍ଯ୍ୟକ୍ରମରୁ ଫେରୁଥିବା ବେଳେ ଦୁଇଜଣ ଶିଶୁକନ୍ୟାଙ୍କୁ ଛକରେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏହି ଟିମ୍ ଶିଶୁଙ୍କୁ ଉଦ୍ଧାର କରି ନିଜ ହେପାଜତକୁ ନେଇଥିଲେ। ଶିଶୁଙ୍କ ସମ୍ପର୍କରେ ସ୍ଥାନୀୟ ପ୍ରଥମାଖଣ୍ଡ ଗ୍ରାମର ଜଣେ ଯୁବକ ଶିଶୁ ମଙ୍ଗଳ କମିଟିକୁ ଖବର ଦେଇଥିଲେ। କମିଟି ପକ୍ଷରୁ ଉକ୍ତ ୨ ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ କମିଟି ପକ୍ଷରୁ ପଚରାଉଚୁରା କରାଯାଇଛି। ଉଦ୍ଧାର ଶିଶୁଙ୍କ ଘର କେନ୍ଦୁଝର ଜିଲାର ପଣ୍ଡୁଆ ଅଞ୍ଚଳରେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପିଲାମାନେ ସେମାନଙ୍କ ପରିବାର ସମ୍ପର୍କରେ କୌଣସି ସୂଚନା ଦେଇପାରୁ ନାହାନ୍ତି। ପିଲାଙ୍କୁ ସେମାନଙ୍କର ପରିବାର ଲୋକେ ଏଠାରେ ଛାଡି କେଉଁଆଡେ ଚାଲିଯାଇଥିବା ଜଣାପଡିଛି। ଉଦ୍ଧାର ଶିଶୁ ଦ୍ୱୟଙ୍କୁ ବାଳାଶ୍ରମସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ଗୃହରେ ରଖାଯିବ। ସେମାନଙ୍କ ପରିଚୟ ମିଳିଲା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଶିଶୁ ମଙ୍ଗଳ କମିଟି ଅଧକ୍ଷା ବେହେରା ପ୍ରକାଶ କରିଛନ୍ତି ।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ବରୁଣେଇ କ୍ଲବ ଚାମ୍ପିୟନ୍

ଯାଜପୁର ଅଫିସ,୧୨।୧୧

ଯାଜପୁର ସଦର ଥାନା ନିକଟସ୍ଥ ଦଶହରା ପଡିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ଅଶୋକ ଦାଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ମହାଲକ୍ଷ୍ମୀ କ୍ଲବ ପୁରୁଷୋତ୍ତମପୁର, କବୀରପୁର ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଏହି ପଞ୍ଚବାର୍ଷିକ ଟୁର୍ନାମେଣ୍ଟ ଉଦଯାପନି ମ୍ୟାଚରେ ବରୁଣେଇ କ୍ଲବ୍ କଟକ ୨-୧ ଗୋଲରେ ଓଡିଶା ୟୁନାଇଟେଡ୍ କ୍ଲବ୍ କଟକକୁ ହରାଇ ଚାମ୍ପିୟନ୍ ହୋଇଛି। ଟୁର୍ନାମେଣ୍ଟର ଶେଷ ମ୍ୟାଚ୍‌ରେ ପ୍ରଥମେ ୟୁନାଇଟେଡ୍ କ୍ଲବ୍ କଟକ ଟସ୍ ଜିତି ନଦୀ ପାର୍ଶ୍ୱ ନେବା ସହ ବଲ୍ ଷ୍ଟ୍ରାଇକ୍ କରିଥିଲେ। ପ୍ରଥମ ସେସନ୍‌ରେ ଉଭୟ ଦଳ ମଧରେ କଡା ମୁକାବିଲା ହୋଇଥିଲା। ଫଳରେ ବରୁଣେଇ କ୍ଲବ କଟକ ଓଡିଶା ୟୁନାଇଟେଡ୍ କ୍ଲବ କଟକକୁ ୨ଟି ଗୋଲ୍ ଦେଇଥିଲା। ଜବାବରେ ଓଡିଶା ୟୁନାଇଟେଡ୍ କ୍ଲବ୍ କଟକ ଗୋଟିଏ ଗୋଲ ଦେଇଥିଲା। ୨ୟ ସେସନ୍ କଡା ଟକ୍କର ସହିତ କେହି କାହାକୁ ଗୋଲ୍ ଦେବାରେ ସମର୍ଥ ହୋଇ ନ ଥିଲେ। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ସଭାରେ ବିଜେଡିର ବରିଷ୍ଠ କର୍ମୀ ବ୍ରଜକିଶୋର ପାଢୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ସଦର ଥାନାର ଭାରାପ୍ରାପ୍ତ ଅଧିକାରୀ ଦୁଷ୍ମନ୍ତ ନାୟାକ, ଉପର ବରୁଆଁ ସରପଞ୍ଚ ନନ୍ଦକିଶୋର ସାହୁ, ସିମିଳିଆ ସରପଞ୍ଚ କୈଳାଶ ବିଶ୍ୱାଳ, ରସୁଲ ବକ୍ସ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ୍ ହୋଇଥିବା ବରୁଣେଇ କ୍ଲବକୁ ୧୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ୨ୟ ଦଳଭାବେ ଓଡିଶା ୟୁନାଇଟେଡ୍ କ୍ଲବ୍ କଟକକୁ ସିଲ୍ ସହିତ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଟୁର୍ନାମେଣ୍ଟର ବେଷ୍ଟ ଗୋଲକିପର ଭାବରେ ବରୁଣେଇ କ୍ଲବର ଜଗନ୍ନାଥ ମହାରଣା, ବେଷ୍ଟ ପ୍ଲେୟାର ଭାବରେ ଓଡିଶା ଓଡିଶା ୟୁନାଇଟେଡ କ୍ଲବର ଅର୍ଜୁନ ନାୟକ, ପ୍ଲେୟାର୍ ଅଫ୍ ଦି ଟୁର୍ନାମେଣ୍ଟ ବରୁଣେଇ କ୍ଲବର ଅନୀଲ୍ ସାମଲ୍, ବେଷ୍ଟ ରେଫରି ଭାବେ ଦୈତାରୀ କାରୁଆ, ପ୍ରବୋଦ ପାତ୍ର ଓ ଏସ. କେ. ଅହମ୍ମଦଙ୍କୁ ସମ୍ମାନିତ କରାଯାଇଥିଲା।



ଅତିଥି ଚାମ୍ପିୟନ୍ ଦଳକୁ ପୁରସ୍କୃତ କରୁଛନ୍ତି।

### ବାଳାଶ୍ରମରେ ଗାନ୍ଧୀ ସଦ୍‌ଭାବନା ଜ୍ୟୋତି

ଯାଜପୁର ଅଫିସ,୧୨।୧୧

ଗାନ୍ଧୀଙ୍କ ଆଦର୍ଶକୁ ଅନୁସରଣ କରୁଥିବା ବ୍ୟକ୍ତି ଜୀବନରେ ସରଳ ଓ ସଫଳ ହୋଇଥାନ୍ତି ବୋଲି ଓଡ଼ିଶା ଗାନ୍ଧିବାସୀ ଫୋରମର ଅଧକ୍ଷା ରୀନା ରାଉତରାୟ ମତ ଦେଇଛନ୍ତି। ରବିବାର ଯାଜପୁର ସହରସ୍ଥିତ ଉତ୍କଳ ବାଳାଶ୍ରମରେ ଗାନ୍ଧୀ ସଦଭାବନା ଜ୍ୟୋତି ଯାତ୍ରା ପହଞ୍ଚିଥିଲା। ବାଳାଶ୍ରମର ଅନ୍ତେବାସୀମାନେ ଏହି ପବିତ୍ର ଜ୍ୟୋତିକୁ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିରେ ଯୋଗଦେଇ ଗାନ୍ଧୀ ଫୋରମର ଅଧକ୍ଷା ରାଉତରାୟ ସବୁପିଲାଙ୍କ ଭଳି ଗାନ୍ଧୀ ମଧ ପିଲାଦିନେ ବିଭିନ୍ନ ଶିଶୁ ସୁଲଭ ଗୁଣ ପ୍ରଦର୍ଶନ କରୁଥିଲେ। କିନ୍ତୁ ପିଲାଦିନରୁ ତାଙ୍କ ସତ୍ୟ, ଅହିଂସା ପ୍ରତି ଅନୁରକ୍ତି ପରବର୍ତ୍ତି ସମୟରେ ତାଙ୍କୁ ମହାମାନବରେ ପରିଣତ କରିଥିଲା। ତେଣୁ ପ୍ରତ୍ୟେକ ସମୟାନୁବର୍ତ୍ତିତା ଓ ସତ୍ୟ କହିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାସନଗର ପୌରପାଳିକାର ପୂର୍ବତନ ଅଧକ୍ଷା ବନ୍ଦିତା ପରିଡା, ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଗାନ୍ଧୀ ଫୋରମର ଉପାଧକ୍ଷ ବିଶ୍ୱଜିତ ସୂର୍ଯ୍ୟବଂଶୀ, ଶିଶୁ କଲ୍ୟାଣ କମିଟି ସଦସ୍ୟ ରୁଦ୍ରନାରାୟଣ ପୃଷ୍ଟି, ହୃଷିକେଶ ପଣ୍ଡା, ପ୍ରତାପଚନ୍ଦ୍ର ଦେବତା, ଶିକ୍ଷକ ସନ୍ତୋଷ ବିଶ୍ୱାଳ, ଫୋରମର ସଦସ୍ୟ ଗୋବିନ୍ଦ ଓଝା, ବାଳାଶ୍ରମର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ।

# ନବନିର୍ମାଣ କୃଷକ ସଂଗଠନର ସତ୍ୟାଗ୍ରହ



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଚାଷୀ।

ବିଞ୍ଝାରପୁର,୧୨।୧୧(ଡି.ଏନ.ଏ)

ରାଜ୍ୟ ନବନିର୍ମାଣ କୃଷକ ସଂଗଠନ ଆହ୍ୱାନ କ୍ରମେ ବିଞ୍ଝାରପୁରରେ ବ୍ଲକସ୍ତରୀୟ ନବ ନିର୍ମାଣ ସଂଗଠନ ପକ୍ଷରୁ ସୋମବାର ପୂର୍ବାହ୍ନରେ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ ଆରମ୍ଭ ହୋଇଛି । ଗତ ସପ୍ତାହରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ କୃଷକଙ୍କ ଦାବି ମୁତାବକ ପ୍ରାଇସ, ପ୍ରେଷ୍ଟିଜ, ପେନସନ ପାଇଁ ରାଜଧାନୀ ଭୁବନେଶ୍ୱରରେ ଆନ୍ଦୋଳନକୁ ସରକାର ଅଣଦେଖା କରିଥିବାରୁ ତାହା ପ୍ରତିବାଦରେ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଗାଁରେ ପୁରାଇ ନ ଦେବାକୁ ଡାକରା ଦେଇଛି । ଏହି ଅବସରରେ ବ୍ଲକସ୍ତରରୁ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇ କୃଷକଙ୍କ ମଧରେ ଏକାଠି ହେବାର ସମୟ ଆସିଛି ବୋଲି ଅରେଇ ଗ୍ରାମ ପଞ୍ଚାୟତ ସମ୍ମୁଖରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ସତ୍ୟାଗ୍ରହ ସଭାରେ ବରିଷ୍ଠ ଚାଷୀ ଗୋବିନ୍ଦ ପରିଡା କହିଛନ୍ତି। ଏହି ସତ୍ୟାଗ୍ରହରେ ପର୍ଶୁରାମ ପଣ୍ଡା, ଶ୍ରୀଧର ମିଶ୍ର, ତାରାକାନ୍ତ ମଲ୍ଲିକ, ଟୁଟୁ ମହାପାତ୍ରଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଚାଷୀଙ୍କର ୫ଟି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଗାଁରେ ପୂରାଇ ନ ଦେବାକୁ ଶପଥ ନେଇଥିଲେ।

### ମୃତ ୨ ଶିଶୁକନ୍ୟାଙ୍କ ପରିବାରକୁ ଭେଟିଲେ ତହସିଲଦାର

ରସୁଲପୁର,୧୨।୧୧(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ପଞ୍ଚାୟତ କୋରକୋରା ଗାଁର ମୃତ ଦୁଇ ଶିଶୁଙ୍କ ପରିବାର ଲୋକଙ୍କୁ ସୋମବାର ଅପରାହ୍ନରେ ରସୁଲପୁର ତହସିଲଦାର ସରୋଜ କୁମାର ପଣ୍ଡା ଭେଟି ସମବଦେନା ଜ୍ଞାପନ କରିଛନ୍ତି। ମୃତକ ପରିବାରକୁ ରିଲିଫ କୋର୍ଡ ଅନୁଯାଇ ଆର୍ଥିକ ସହାୟତା ତୁରନ୍ତ ପ୍ରଦାନ କରାଯିବ ନେଇ ତହସିଲଦାର ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି। ପରିବାରର ମୁରବୀଙ୍କ ସହ ଆଲୋଚନା କର ସହାୟତା ହାସଲ କରିବା ଦିଗରେ ଆବଶ୍ୟକ କାଗଜପତ୍ର ଯୋଗାଡ କରିବା ପାଇଁ ଆଦମପୁର ସର୍କଲର ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏ ଦିଗରେ ପରିବାର ଲୋକେ ସହଯୋଗ କରିବାକୁ ତହସିଲଦାର ପଣ୍ଡା ଓ ସୁପରଭାଇଜର ମହେଶ୍ୱର ସେଠୀ ପ୍ରମୁଖ ଅନୁରୋଧ କରିଥିଲେ। କ୍ଷତିଗ୍ରସ୍ତ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ। ଉକ୍ତ କାର୍ଯ୍ୟକୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପ୍ରାଥମିକତା ଦିଆଯିବ ବୋଲି କୁହାଯାଇଛି।

### ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଡିଓ

ରସୁଲପୁର,୧୨।୧୧(ଡିଏନଏ)

ରସୁଲପୁର ବ୍ଲକ ବିଡିଓ ଉମାକାନ୍ତ ପରିଡା ସୋମବାର ଅପରାହ୍ନରେ ବଡକଇଁଚି ପଞ୍ଚାୟତ ପରିଦର୍ଶନ କରି ଫେରି ଯାଇଛନ୍ତି। ବିଡିଓ ପରିଡା ଓ ଏବିଡିଓ ଅସିତ୍ କୁମାର ପାତ୍ର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ନଥିପତ୍ର ଯାଞ୍ଚ କରିଥିଲେ । ପଞ୍ଚାୟତର ବିଭିନ୍ନ ଗାଁ ବୁଲି ଗ୍ରାମୀଣ ଆବାସ ଯୋଜନା ଓ ଉନ୍ନୟନ କାର୍ଯ୍ୟକୁ ସମୀକ୍ଷା କରିଥିଲେ। ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଗ୍ରଗତିକୁ ନେଇ ଉଭୟ ସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଗାଁଗଣ୍ଡାରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ଚତୁର୍ଥ ଅନୁଦାନ ଓ କେନ୍ଦ୍ରୀୟ ଚତୁର୍ଦ୍ଦଶ ଅନୁଦାନ, ଆମ ଗାଁ ଆମ ବିକାଶ ଯୋଜନାର ଅର୍ଥର ସଠିକ୍ ବିନିଯୋଗ ସମ୍ପର୍କରେ ଜିଆର୍‌ଏସ୍ ପ୍ରଣତି ପତି ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ନିକୁଞ୍ଜ ବିହାରୀ ରାଉତଙ୍କ ସହ ଆଲୋଚନା କରିଥିଲେ। ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତରେ ଥିବା ବିଭିନ୍ନ ସମସ୍ୟା ସଂପର୍କରେ ଜିଲା ବିଜେଡି ଉପସଭାପତି ପ୍ରହ୍ଲାଦ ପଣ୍ଡା, ଅଶୋକ ମଲ୍ଲିକ, ଅଭିମନ୍ୟୁ ତରାଇ ପ୍ରମୁଖ ବିଡିଓଙ୍କୁ ଅବଗତ କରାଇଥିଲେ।



## ଅର୍ଥାଭାବ ଯୋଗୁ ହୋଇପାରୁନି ଚିକିତ୍ସା

# ଜଡ଼ିବୁଟି ଆଶ୍ରାରେ ପୀଡ଼ିତ

ଡୁବୁରୀ, ୧୨।୧୧(ଡି.ଏନ୍.ଏ.)

ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଗମ୍ଭାରିପାଟିଆ ଗଣ୍ଡ ସାହିରେ କୁନା ସାମାଡଙ୍କ ପରିବାର ଅନାହାରରେ ଜୀବନ ବିତାଉଛନ୍ତି। ଦୀର୍ଘ ବର୍ଷ ହେବ କୁନା ମେରୁଦଣ୍ଡ ଯନ୍ତ୍ରଣାରେ ପୀଡିତ ହୋଇ ଅକର୍ମଣ୍ୟ ଜୀବନ ବିତାଉଥିବାବେଳେ ସ୍ତ୍ରୀ ଓ ସାନ ଝିଅ ଅଜଣା ରୋଗରେ ପୀଡିତ ହୋଇଛନ୍ତି। ଅର୍ଥାଭାବରୁ ଚିକିତ୍ସିତ ହୋଇ ନ ପାରି ପରିବାର ଏବେ ଦୟନୀୟ ଜୀବନ ବିତାଉଛନ୍ତି। ଅପରପଟେ ଘର ଖଣ୍ଡେ ନ ଥିବାରୁ ପରିବାର ସାହି ପଡ଼ିଶାଙ୍କ ବାରଣ୍ଡାରେ ଜୀବନ ବିତାଉଥିବା ଜଣାପଡିଛି। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀ ସରକାରୀ ସହାୟତା ଭିକ୍ଷା କରିଥିବାବେଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଆଦିବାସୀ ଯୋଜନାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗମ୍ଭାରିପାଟିଆ ଗଣ୍ଡ ସାହିରେ ୨୨ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ବାସ କରନ୍ତି । ଦିନ ମଜୁରିଆ ଭାବେ କାମ କରି ପରିବାର ଭରଣପୋଷଣ କରନ୍ତି। ତେବେ ସମ୍ପୃକ୍ତ ସାହିରେ ବାସ କରନ୍ତି କୁନା ସାମାଡ(୩୨)। ପରିବାର କହିଲେ ସ୍ତ୍ରୀ ରାଇମୁନୀ(୨୩), ବଡ଼ ଝିଅ ପାର୍ବତୀ(୨ବର୍ଷ) ଓ ସାନ ଝିଅ ସୁରୁ (୪ମାସ) । ଗତ ଲଘୁଚାପ ବର୍ଷାରେ କୁନାଙ୍କ ଚାଳ ଛପର ଘର ଭାଙ୍ଗି ଯିବାରୁ ସମ୍ପୃକ୍ତ ପରିବାର ସାହିର ଜଣେ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଛନ୍ତି। କୁନା ଦିନ ମଜୁରିଆଭାବେ କାମ କରି ପରିବାର ପରିବାର ପ୍ରତିପୋଷଣ କରନ୍ତି। ଦୀର୍ଘବର୍ଷ ହେବ ତାଙ୍କ ମେରୁଦଣ୍ଡ ହାଡରେ ଯନ୍ତ୍ରଣା ହେବାରୁ ସେ ଆଉ କାମ ଧନ୍ଦା କରିପାରୁ ନାହାନ୍ତି। ଅପରପଟେ ସ୍ତ୍ରୀ ରାଇମୁନୀ ଏକ ମାସ ହେବ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଫଳରେ ତାଙ୍କ ଶରୀର ଫୁଲି ଯିବାରୁ ସେ ବି କାମକୁ ଯାଇ ପାରୁ ନାହାନ୍ତି। ଚିକିତ୍ସା ପାଇଁ ସାହି ପଡିଶାଙ୍କ ସହଯୋଗରେ ଅର୍ଥ ଯୋଗାଡ କରି ରାଇମୁନୀ ଦାନଗଦୀ ଡାକ୍ତରଖାନକୁ ଯାଇଥିଲେ। ଡାକ୍ତର ତାଙ୍କୁ ଚିକିତ୍ସା ପାଇଁ ଯାଜପୁରରୋଡସ୍ଥିତ କ୍ଷେତ୍ରୀୟ ହସ୍ପିଟାଲକୁ ପଠାଇ ଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲ ଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ହେଲେ ଏଥିପାଇଁ ଆବଶ୍ୟକ ଅର୍ଥ ଯୋଗାଡ କରିବା ରାଇମୁନୀଙ୍କ ପକ୍ଷେ ସମ୍ଭବ ନ ହେବାରୁ ସେ ଘରେ ରହି ବିଭିନ୍ନ ଚେରମୂଳି ଓ ଦେଶୀ ଚିକିତ୍ସାର ଆଶ୍ରୟ ନେଇଛନ୍ତି । ଏକ ମାସ ହେବ ଦେଶୀ ଚିକିତ୍ସାର ସାହାଯ୍ୟ ନେଉଥିଲେ ମଧ ରୋଗ ଯନ୍ତ୍ରଣା ଉପଶମ ହୋଇ ପାରି ନ ଥିବା ରାଇମୁନୀ କହିଛନ୍ତି। ପରିବାରର ଏଭଳି ସ୍ଥିତିରେ ସାନ ଝିଅ ସୁରୁ ଏବେ ପୁଷ୍ଟିହୀନତା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସୁରୁଙ୍କ ଦେହ ହାତ ଓ ଗୋଡରେ ଫୋଟକା ବାହାରି ପଡିଛି।

ପରିବାରକୁ ତୁରନ୍ତ ଚିକିତ୍ସା ପ୍ରଦାନ କ୍ଷେତ୍ରରେ ସରକାରୀ ସହାୟତା ପ୍ରଦାନ ସହ ଘର ପାଇଁ ଜରିପାଲ ଯୋଗାଇଦେବାକୁ ୱାର୍ଡମେମ୍ବର ନନ୍ଦକିଶୋର ଆଙ୍ଗରାଇଙ୍କ ସମେତ କୁଅଁର ମୁଣ୍ଡରୀ, ଦୀପକ ଦେଓଗାମଙ୍କ ସମେତ ସମସ୍ତ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି । ଏ ସମ୍ପର୍କରେ ଦାନଗଦୀ ତହସିଲଦାର ବୁଲବୁଲ ବେହେରାଙ୍କୁ ପଚାରିବାରୁ ଲଘୁଚାପ ବର୍ଷରେ କୁନାଙ୍କ ଘର ଭାଙ୍ଗିଯିବା ଘଟଣା ସମ୍ପର୍କରେ କୌଣସି ଖବର ମିଳି ନାହିଁ। ତେବେ ଯଦି ତାଙ୍କ ଘର ଭାଙ୍ଗିଛି ଓ ମା,ଝିଅ ରୋଗରେ ପୀଡିତ ଅଛନ୍ତି ତହସିଲ ପକ୍ଷରୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



ପରିବାର ସହିତ କୁନା ସାମାଡ।

## ସଂକ୍ଷେପରେ

### ବ୍ଲକସ୍ତରୀୟ ବିଜ୍ଞାନମେଳା

**ଶଙ୍କରାଖୋଲ,୧୨।୧୧(ଡି.ଏନ୍.ଏ.):** ଟିକାବାଲି ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବିଜ୍ଞାନମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ୪୨ ବିଦ୍ୟାଳୟର ୮୬ ପ୍ରକଳ୍ପ ସ୍ଥାନ ପାଇଥିଲା। ମେଳାକୁ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁଣମଣି ପାଢଯୋଶୀ ଉଦ୍‌ଘାଟନ କରିଥିଲେ । ବିଚାରକ ଭାବେ କଳିଙ୍ଗା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମାନସ ରଞ୍ଜନ ମିଶ୍ର, ସୁଦ୍ରୁକୁମ୍ପା ଉଚ୍ଚ ବିଦ୍ୟାୟର ବିଜ୍ଞାନ ଶିକ୍ଷକ ହୃଷୀକେଶ ନାୟକ ୬ଜଣଙ୍କୁ ଜିଲା ସ୍ତରକୁ ମନୋନୀତ କରିଥିଲେ। ବାରାଳଦେବୀ ବିଦ୍ୟାପୀଠରେ କଇଁଝର, ଅମିତ କହଁର, ବୁଦୁଗୁଡ଼ାରୀ ପ୍ରାଥମିକ ବିଦ୍ୟାଳୟ ରେଶ୍ମା ନାୟକ, ଗୁଟିଙ୍ଗିଆ ଉଚ୍ଚ ବିଦ୍ୟାଳୟର ରାକେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### ବରିଷ୍ଠ ନାଗରିକ ଟ୍ରଷ୍ଟର ସାଧାରଣ ବୈଠକ

**ବୁଗୁଡ଼ା, ୧୨।୧୧(ଡି.ଏନ.ଏ.):** ବୁଗୁଡ଼ା ବଳଦେବ ସ୍ୱାମୀ ବରିଷ୍ଠ ନାଗରିକ ଟ୍ରଷ୍ଟର ସାଧାରଣ ବୈଠକ ଶନିବାର ସ୍ଥାନୀୟ କାରଗିଲ ଶହୀଦ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୈଳାସ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । ନବଗଠିତ ବାଲିପଦର ବରିଷ୍ଠ ନାଗରିକ ଟ୍ରଷ୍ଟର ପ୍ରକାଶ ଚନ୍ଦ୍ରଙ୍କ ସମେତ ଏକ ପ୍ରତିନିଧି ମଣ୍ଡଳୀ ନିମନ୍ତ୍ରିତ ଅତିଥି ରୂପେ ଯୋଗ ଦେଇଥିଲେ। ବୈଠକରେ ଟ୍ରଷ୍ଟର ସ୍ଥାୟୀ ବାସଗୃହ ନିର୍ମାଣ ଅଗ୍ରଗତି, ଷ୍ଟୋରରୁମ୍ ନିର୍ମାଣ, ବିଦ୍ୟୁତ ସଂଯୋଗ ବିଷୟରେ ଆଲୋଚନା ହୋଇଥିଲା । ଏଥିସହ ଆଗାମୀ ଦିନରେ ବୃଦ୍ଧାବୃଦ୍ଧଙ୍କୁ ଶାଢ଼ୀ, ଶୀତବସ୍ତ୍ର ବଣ୍ଟନ ଏବଂ ବରିଷ୍ଠ ନାଗରିକମାନଙ୍କୁ ସବୁ ଦିଗରୁ ସୁରକ୍ଷା ପ୍ରଦାନ ନିମନ୍ତେ ସଭ୍ୟମାନେ ବିସ୍ତୃତ ଆଲୋଚନା କରିଥିଲେ । ସମ୍ପାଦକ ଟି. ସତ୍ୟ ନାରାୟଣ ପାତ୍ର ବିବରଣୀ ପାଠ କରିଥିବା ବେଳେ କୋଷାଧକ୍ଷ ସତ୍ୟ ନାରାୟଣ ଦାଶ ଅର୍ଥ ସଂଗ୍ରହ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ସଙ୍କୁରୁ ଗ୍ରାମର ନିର୍ଯାତିତ ବରିଷ୍ଠ ନାଗରିକ ତ୍ରିନାଥ ସ୍ୱାଇଁଙ୍କ ଆବେଦନ ଉପରେ ବୈଠକରେ ଆଲୋଚନା କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଟ୍ରଷ୍ଟର ଅଧ୍ୟକ୍ଷ ଗଙ୍ଗାଧର ବିଷୋୟୀ, ପଣ୍ଡିତ ସୀମାଞ୍ଚଳ ପଣ୍ଡା, ଜି. ଶ୍ୟାମବାବୁ ଆଚାରୀ, ଦଣ୍ଡପାଣି ଗୌଡ଼, ଭିକାରୀ ଚରଣ ଜେନା, ବିପ୍ରଚରଣ ପାଣିଗ୍ରାହୀ, ଗଙ୍ଗାଧର ନନ୍ଦ, ବିଶ୍ୱମୋହନ ମିଶ୍ର, ଧୋବା ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ ।

### ଦୁର୍ବନ୍ଧ ସମିତିସଭ୍ୟା ଉପନିର୍ବାଚନ: ୪ ପ୍ରାର୍ଥିପତ୍ର ଦାଖଲ

ହିଞ୍ଜିଳିକାଟୁ,୧୨।୧୧(ଡ଼ି.ଏନ୍.ଏ)- ହିଞ୍ଜିଳିକାଟୁ ବ୍ଲକ ଦୁର୍ବନ୍ଧ ଗ୍ରାମ ପଞ୍ଚାୟତର ସମିତିସଭ୍ୟା ପଦବୀ ପାଇଁ ଉପ ନିର୍ବାଚନ ପ୍ରକ୍ରିୟା ଚାଲିଛି। ସୋମବାର ପ୍ରାର୍ଥିପତ୍ର ଦାଖଲ ପାଇଁ ଶେଷଦିନ ଥିଲା। ଏଥିରେ ୪ଜଣ ପ୍ରାର୍ଥୀନୀ ନାମାଙ୍କନ ଦାଖଲ କରିଥିବା ଜଣାପଡ଼ିଛି। ସେମାନେ ହେଲେ ଝିଲି ସାହୁ, ସନ୍ତୋଷିନୀ ସାହୁ, ଗୀତାଞ୍ଜଳି ସାହୁ ଓ ପି. ତିଲୋତ୍ତମା। ମଙ୍ଗଳବାର ନାମାଙ୍କନ ପତ୍ର ଯାଞ୍ଚ ହେବ । ୧୬ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷଦିନ ଏବଂ ନିର୍ବାଚନ ଡିସେମ୍ବର ୬ରେ ହେବାକୁ ସ୍ଥିର ହୋଇଛି। ପ୍ରକାଶ ଯେ, ଗତ ପଂଚାୟତ ନିର୍ବାଚନରେ ସମିତିସଭ୍ୟା ପଦବୀ ନିର୍ବାଚନରେ ବିଜୟିନି ହୋଇଥିବା ସତ୍ୟ ସାହୁଙ୍କ ମେ ମାସରେ ମୃତ୍ୟୁ ଘଟିବାରୁ ଉପ ନିର୍ବାଚନ ଆବଶ୍ୟକ ପଡ଼ିଛି।

# ୬ ଦଫା ଦାବିରେ କରଡ଼ାବାସୀଙ୍କ ଧାରଣା

**ରାଇକିଆ,୧୨।୧୧(ଡ଼ି.ଏନ.ଏ)**

କନ୍ଧମାଳ ଜିଲା ରାଇକିଆ ବ୍ଲକର କରଡ଼ା ପଞ୍ଚାୟତବାସୀ ସୋମବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ରାଇକିଆ ବ୍ଲକର ସବୁଠାରୁ ଦୁର୍ଗମ କରଡ଼ା ପଞ୍ଚାୟତ ମୌଳିକ ସୁବିଧାରୁ ବଞ୍ଚିତ ହେଉଛି। ଲୋକେ ସାଧାରଣ ସୁବିଧା ମଧ୍ୟ ପାଇପାରୁନାହାନ୍ତି। ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳୁନଥିବାରୁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଲୋକେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ଉକ୍ତ ଅଞ୍ଚଳରେ କୌଣସି ମୋବାଇଲ ସେବା ନାହିଁ। ଏଠାରେ ଥିବା ହାଇସ୍କୁଲରେ କେବଳ ଜଣେ ହିଁ ଶିକ୍ଷକ ଅଛନ୍ତି। ରାସ୍ତା ଘାଟ ଆଦୌ ଭଲ ନାହିଁ, ବର୍ଷାରେ ଧୋଇ ହୋଇ ଯାଇଥିଲେ ମଧ୍ୟ ମରାମତି କରାଯାଉନାହିଁ। ଘାଟି ରାସ୍ତା ବିପଦ ପୂର୍ଣ୍ଣ ହୋଇ ରହଥିବାରୁ ଜନନୀ ସୁରକ୍ଷା ଯୋଜନାରେ କାର୍ଯ୍ୟକାରୀ ହେଉଥିବା ୧୦୨ ଆମ୍ବୁଲାନ୍ସ ଏହି ଅଞ୍ଚଳକୁ ଯାଇ ପାରୁନାହିଁ। ତିତଲି ବାତ୍ୟାରେ କ୍ଷୟକ୍ଷତିର ସମ୍ମୁଖୀନ



ଧାରଣାରେ ବସିଥିବା ଗ୍ରାମବାସୀ।

ହୋଇଥିବା ପଞ୍ଚାୟତ ବାସୀଙ୍କୁ ମାସେ ବିତି ଯାଇଥିଲେ ମଧ୍ୟ କ୍ଷତିପୂରଣ ମିଳିପାରି ନାହିଁ। ଅନେକ ସବୁ ଅଞ୍ଚଳକୁ ସର୍ଭେ କାର୍ଯ୍ୟ ହୋଇପାରି ନଥିବା ଗ୍ରାମାବାସୀ ଅଭିଯୋଗ କରିଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଗ୍ରାମାବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସୋମବାର ଧାରଣାରେ ବସିଥିଲେ। ରାଇକିଆ ବିଡିଓ ରଶ୍ମି ରଞ୍ଜନ ମହନ୍ତ, ତହସିଲଦାର ଶାରଦା କାନ୍ତି ଦଳେଇ, ବ୍ଲକ ଅଧକ୍ଷା ମାନିନୀ ପ୍ରଧାନ, ଏବିଇଓ ଅନ୍ତର୍ଯ୍ୟାମୀ ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ, ବିଏସ୍ଏନ୍ଏଲ୍ ସହକାରୀ ଯନ୍ତ୍ରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ ଶୀଘ୍ର ଏହାର ସମାଧାନ ହୋଇ ପାରିବ ସେନେଇ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ।

# ବ୍ୟବସାୟୀ ସଂଘର କ୍ରାନ୍ତିରଥକୁ ସ୍ୱାଗତ

**ଆସିକା,୧୨।୧୧(ଡି.ଏନ୍.ଏ.)**

ଖୁଚୁରା ବ୍ୟବସାୟରେ ପୁଞ୍ଜୀ ନିବେଶକୁ ବିରୋଧ କରି ସର୍ବ ଭାରତୀୟ ବ୍ୟବସାୟୀ ସଂଘ ପକ୍ଷରୁ ସାଧାରଣରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ସମଗ୍ର ଦେଶରେ ପରିକ୍ରମା କରୁଥିବା କ୍ରାନ୍ତି ରଥକୁ ରବିବାର ମଧ୍ୟାହ୍ନରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକରେ ଆସିକା ବଣିକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଆସିକା ନୂଆ ବସଷ୍ଟାଣ୍ଡରେ ବଣିକ ସଂଘର ସଭାପିତ ଅରୁଣ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା, ସର୍ବ ଭାରତୀୟ ବ୍ୟବସାୟୀ ସଂଘର ଉପସଭାପତି ବ୍ରିଜ ମୋହନ ଅଗ୍ରୱାଲ, ଚିନି ବ୍ୟବସାୟୀ ସଂଘର ସଭାପତି ଅମରିଶ ଜେ. କାରିଆ ପ୍ରମୁଖ ଯୋଗ ଦେଇଥିଲେ। ଦେଶର ୫୦ କୋଟି ଜନସାଧାରଣ ଖୁଚୁରା ବ୍ୟବସାୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମ୍ପୃକ୍ତି ରହି ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଥିବା ବେଳେ ସରକାର ଖୁଚୁରା ବ୍ୟବସାୟରେ ବିଦେଶୀ ପୁଞ୍ଜୀ ଓ ବିଦେଶୀ କମ୍ପାନୀକୁ ଦେଶରେ ବ୍ୟବସାୟର ସୁଯୋଗ ଦେଇ ଖୁଚୁରା ବ୍ୟବସାୟକୁ ବନ୍ଦ କରିଦେବା ଲାଗି ଯେଉଁ ଚକ୍ରାନ୍ତ ଚଳାଇଛନ୍ତି ଏହା ବିରୋଧରେ ଜନସାଧାରଣ ଓ ବ୍ୟବସାୟୀ ସଚେତନ ହେବା ଲାଗି ନିବେଦନ କରିଥିଲେ। ସରକାର ବିଭିନ୍ନ ବର୍ଗର ସ୍ୱାର୍ଥ ରକ୍ଷା ଲାଗି ଆୟୋଗ ଗଠନ କରିଥିବା ବେଳେ ବ୍ୟବସାୟୀଙ୍କ ଟିକସ ଧନରେ ଦେଶ ଚଳୁଥିଛି। ସେହି ବର୍ଗଲାଗି କୌଣସି ଦୃଷ୍ଟି ଦିଆଯାଉନଥିବା ଅଭିଯୋଗ କରିଥିଲେ।




ସମ୍ପୂର୍ଣ୍ଣ କାନ୍ତିରଥକୁ ସ୍ୱାଗତ କରାଯାଉଛି।

# ଶିକ୍ଷକ ଫେଡେରେଶନର ଶପଥ ପାଠ ସମାରୋହ



ଶପଥପାଠ ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା।

**ଦାରିଙ୍ଗବାଡ଼ି,୧୨।୧୧(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଦାରିଙ୍ଗବାଡ଼ି ଶାଖା ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ଶିକ୍ଷକ କିଶୋର ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘର ପୂର୍ବତନ ରାଜ୍ୟ ସମ୍ପାଦକ ଶେଖ୍ ଅବଦୁଲ୍ ଖଲିକ, କନ୍ଧମାଳ ଜିଲା ଶାଖା ସଭାପତି କିଶୋର କହଁର, ସମ୍ପାଦକ ସୌମ୍ୟରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ଦାରିଙ୍ଗବାଡ଼ି ଶାଖା ସଭାପତି ଯାମିନୀକାନ୍ତ ପତ୍ରା,ସମ୍ପାଦକ ବିଦେଶୀ ନାୟକ, ଉପସଭାନେତ୍ରୀ ସାରାବତୀ ପ୍ରଧାନ, ଉପସଭାପତି ସଞ୍ଜୀବ କୁମାର ସିଂ, ସହସମ୍ପାଦକ ବିଧୁଭୂଷଣ ନାୟକ, ନବୀନ ସାହୁ, ସୁଧାଂଶୁ ମୋହନ ପ୍ରଧାନ, ଆଞ୍ଚଳିକ ସହସମ୍ପାଦକ ଭାବେ ରୋହିତ ପ୍ରଧାନ, ଆଶୁତୋଷ ସାହୁ, ଅମ୍ବିକା ମଲ୍ଲିକ, ରମାକାନ୍ତ ଦିଗାଳ, ସଂଗ୍ରାମ କୁମାର ନାୟକ, ପ୍ରବକ୍ତା ସୁଶୀଳ କୁମାର ନାୟକ, କୋଷାଧକ୍ଷ ମୋହନ ସାହୁ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ କିଶୋର ଦାସ, ପି. ଅନନ୍ତ କୁମାର ବିଶୋୟୀ, ହରିହର ନାୟକ,ପ୍ରମୋଦ ସାହୁ, ବିଜୟ କେତନ ପାଲ୍, ଶାନ୍ତିନୀ ନାୟକ, ଚାରୁଶୀଳା ମଲ୍ଲିକ, ସୁଶ୍ରଦ୍ଧା ଛୋଟରାୟ ଏବଂ ସକ୍ରିୟ କର୍ମକର୍ତ୍ତା ଅର୍ଜୁନ ପ୍ରଧାନ, ସ୍ୱାଗତିକା ଦିଗାଳ, ଶ୍ୟାମସୁନ୍ଦର ଦିଗାଳ, ସୁକାନ୍ତ ମହାରଣା, ସୁକାନ୍ତ ପ୍ରଧାନ, ଅନୀତା ପ୍ରଧାନଙ୍କୁ ଅତିଥିମାନେ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସଂଘର ବିକାଶ ସହ ବିଭିନ୍ନ ସମସ୍ୟାକୁ ଦୂର କରାଯିବା ଆଲୋଚନା କରାଯାଇଥିଲା। ଅତିଥି ତଥା ପୂର୍ବତନ ରାଜ୍ୟ ସମ୍ପାଦକ ଖଲିକ କହିଥିଲେ, ରାଜ୍ୟରେ ସଂଘ ୨ ଭାଗ ହୋଇ ଗୋଟିଏ ହରିପୁର ଏବଂ ଅନ୍ୟଟି ଖାରବେଳ ନଗର ସଂଘ ରହିଥିଲା। ସମସ୍ତଙ୍କ ପ୍ରଚେଷ୍ଟାରେ ଏବେ ଗୋଟିଏ ସଂଘ ହୋଇପାରିଛି । ମୁଖ୍ୟ କାର୍ଯ୍ୟାଳୟ ଖାରବେଳ ନଗରର ଥିବା କହିଛନ୍ତି। ଶିକ୍ଷକ ଏକତାକୁ ଗୁରୁତ୍ୱ ଦିଆଯାଇଥିଲା। ଶେଷରେ ସଂଘର ବ୍ଲକ ସମ୍ପାଦକ ବିଦେଶୀ ନାୟକ ଧନ୍ୟବାଦ ଦେଇଥିଲେ।

### ଶ୍ରୀଅରବିନ୍ଦ ଦେହାଂଶ ସଂସ୍ଥାପନ ବାର୍ଷିକୋତ୍ସବ

**ବେଗୁନିଆପଡ଼ା, ୧୨।୧୧(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକର ଏସ.ଛଚିନାସ୍ଥିତ ଶ୍ରୀ ଅରବିନ୍ଦ ପବିତ୍ର ଦେହାଂଶ ସଂସ୍ଥାପନର ଷଡ଼ତମ ବାର୍ଷିକ ଉତ୍ସବ ଶନିବାର ଅଧ୍ୟକ୍ଷ ସନ୍ତୋଷ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ସକାଳେ ବନ୍ଦେମାତରମ, ମାର୍ଚ୍ଚପାଷ୍ଟ ସହ ଗ୍ରାମସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶାରିରୀକ କ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭାଗିରଥୀ ମହାପାତ୍ର, ମୁଖ୍ୟବକ୍ତା ପ୍ରଭାତ ନାୟକ, ଅନ୍ୟତମ ବକ୍ତା ଶଶଧର ବେହେରା ଯୋଗଦେଇ ଆଧାତ୍ମିକ ଜଗତର ଶ୍ରୀ ଅରବିନ୍ଦ ଶ୍ରୀମାଙ୍କ ଭୂମିକା, ଶ୍ରୀ ଅରବିନ୍ଦଙ୍କ ଶିକ୍ଷା ପଦ୍ଧତି ଉପରେ ଆଲୋକପାତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସକାଳେ ଓ ସନ୍ଧ୍ୟାରେ ସଂସ୍ଥାପନ ଲଗ୍ନରେ ଧ୍ୟାନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଅପାଭାଇ, ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଶାନ୍ତ କୁମାର ବିଷୋୟୀ, ସଙ୍ଗୀତ ଶିକ୍ଷକ ଇନ୍ଦ୍ରମଣି ସାସମଲ, କ୍ରିଡ଼ା ଶିକ୍ଷକ ଦିଲିପ କୁମାର ବେହେରାଙ୍କ ସମେତ ପରିଚାଳନା କମିଟି ଓ ଅଭିଭାବକମାନେ ସହଯୋଗ କରିଥିଲେ ।

# ପୁଇଁତୋଳା କୋଠିଶାଳ ଯାତ୍ରା ଉଦ୍‌ଯାପିତ

**ଗଞ୍ଜାମ,୧୨।୧୧(ଡି.ଏନ.ଏ.)**

ବାରମାସରେ ତେର ପର୍ବ । ସବୁ ପର୍ବ ମଧ୍ୟରୁ ପୁଇଁତୋଳା ଗ୍ରାମର ଐତିହ୍ୟ ପରମ୍ପରା ଯାତ୍ରା ମା' ମଙ୍ଗଳାଙ୍କ କୋଠିଶାଳ ଯାତ୍ରା ଅନ୍ୟତମ। କାର୍ତ୍ତିକ ମାସ ଆରମ୍ଭ ହୋଇଥିବା ଏହି ଯାତ୍ରା ଏକମାସ ଧରି ଚାଲିବା ପରେ ରବିବାର ଉଦ୍‌ଯାପିତ ହୋଇଥିଲା। ମାସେ କାଳ ମା' ନିଜ ମନ୍ଦିରରୁ ବାହାରି ବିଭିନ୍ନ ଗ୍ରାମ ବୁଲିଥିଲେ। ଏଥିପାଇଁ ମା'ଙ୍କ ସାତ ଭଉଣୀଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା। ଉଦ୍‌ଯାପନୀ ଉପଲକ୍ଷେ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଗଣ୍ଡାବଧ କରାଯାଇଥିଲା । ଗ୍ରାମର ପିଲାମାନେ ବିଭିନ୍ନ ପୌରାଣିକ ବେଶ ଧାରଣ କରିବା ସହ ମା'ଙ୍କ ଘଟ ଗ୍ରାମ ପରିକ୍ରମା କରି ରୀତିନୀତି ଅନୁଯାୟୀ ମା'ଙ୍କୁ ପୂଜାର୍ଚ୍ଚନା କରାଯିବା ସହ ଧୂପ ଝୁଣା ଓ ଗାହାଣି ବାଦ୍ୟରେ ଗ୍ରାମ ପ୍ରକମ୍ପିତ ହୋଇ ଉଠିଥିଲା । ଗ୍ରାମବାସୀ ଏହି ଯାତ୍ରାକୁ ପରିଚାଳନା କରିଥିଲେ । ସୋମବାରରୁ ମା'ଙ୍କ ମନ୍ଦିରରେ ଅଧରପଣା ଓ ଭୋଗ ଲଗାଯିବ ବୋଲି ପୂଜକ ଲକ୍ଷ୍ମୀ ନାରାୟଣ ବେହେରା କହିଛନ୍ତି ।

# ଟିଟ୍ରାପଙ୍ଗା ପୋଖରୀ ସଫେଇ

**ଖଜୁରିପଡା, ୧୨।୧୧(ଡି.ଏନ୍.ଏ.)**

ଖଜୁରିପଡା ବ୍ଲକର ନୂତନ ପଞ୍ଚାୟତର ଟିଟ୍ରାପଙ୍ଗା ବିଜୁ ଯୁବବାହିନୀ ଓ ଭାଗବତ କଳା ଯୁବକ ସଂଘ ପକ୍ଷରୁ ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କୁମାର କହଁରଙ୍କ ନେତୃତ୍ୱରେ ତିଳକପଡାର ଜାତୀୟ ରାଜପଥ କଡ଼ରେ ଥିବା ପୋଖରୀରୁ ଅଭିନବ ଉପାୟରେ ମଇଳାକୁ ସଫେଇ କରାଯାଇ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଛି। ରବିବାର ଯୁବକମାନେ ପୋଖରୀରୁ ଆବର୍ଜନା ବାହାର କରି ବାହାରରେ ପକାଇଥିଲେ। ସଫେଇ କାର୍ଯ୍ୟକ୍ରମ ୩/୪ ଦିନ ଜାରି ରଖାଯାଇ ସମ୍ପୂର୍ଣ୍ଣ ପୋଖରୀକୁ ସଫା କରାଯାଇ ସ୍ୱଚ୍ଛ ନିର୍ମଳ କରାଯିବ ବୋଲି ଅଧ୍ୟକ୍ଷ କହଁର ଗଣମାଧ୍ୟମ ଆଗରେ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ତିଳକପଡାର ୱାର୍ଡ ସଭ୍ୟା ଟିଟ୍ରାପଙ୍ଗା ପଞ୍ଚାୟତର ସରପଞ୍ଚ ନାଏବ ସରପଞ୍ଚ ଓ ସମିତିସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।



ପୋଖରୀ ସଫେଇ କରାଯାଉଛି।

# ବିଜେଡିରେ କର୍ମୀଙ୍କ ମିଶ୍ରଣକୁ ନେଇ ପ୍ରହସନ: ଭାଜପା ରାଜ୍ୟ ସମ୍ପାଦକ

**କନିଷି,୧୨।୧୧(ଡି.ଏନ.ଏ.)**

ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ସମ୍ପ୍ରତି ରିଲିଫ ବଣ୍ଟନ ନାଁରେ ବିଜେଡି ମିଶ୍ରଣ ପର୍ବ ପ୍ରହସନ କରୁଛି । ଜଣେ ମଧ୍ୟ ଭାଜପା ସଦସ୍ୟ ବିଜେଡିରେ ମିଶି ନାହାନ୍ତି। ନିଜ ଦଳରେ ଅସନ୍ତୋଷର ଶିକାର ହୋଇ ଗୋପାଳପୁର ବିଧାୟକ ଗାଁ ଗାଁ ବୁଲି ତିତଲି ରିଲିଫ ଚେକ୍ ଦେବା ଆଳରେ ପାଖକୁ ଡାକି ଫଟୋ ଉଠାଇ ବିଜେଡିରେ ମିଶିଲେ ବୋଲି ଗଣମାଧ୍ୟମରେ ମିଛ କହୁଛନ୍ତି ବୋଲି ଭାଜପା ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନା କହିଛନ୍ତି। ସୋମବାର ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଗ୍ରାମସ୍ଥିତ ଭାଜପା କାର୍ଯ୍ୟାଳୟ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି। ଭାଜପା ରାଜ୍ୟ ସମ୍ପାଦକ ଜେନା ଏହି ପରିପ୍ରେକ୍ଷୀରେ ଶାସନପଦର ସମିତିସଭ୍ୟା ଗଙ୍ଗୋତ୍ରୀ ନାୟକ, ଶଙ୍କର ନାୟକ, ବିଶ୍ୱନାଥପୁର ପଞ୍ଚାୟତର ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ନାୟକ, ୱାର୍ଡସଭ୍ୟା ସସ୍ମିତା ନାୟକ, ୱାର୍ଡସଭ୍ୟ ଗୋପାଳ ସେଠୀ, ବାବୁଲା ନାୟକ, ଚାନ୍ଦପୁର ପଞ୍ଚାୟତର ୱାର୍ଡସଭ୍ୟ ସଞ୍ଜୟ ପାତ୍ର, ରାଜୀବ ନାୟକ ପ୍ରମୁଖ ବିଜେଡିରେ ମିଶିବା ଖବରକୁ ଖଣ୍ଡନ କରିବା ସହ ଏଭଳି ଅପପ୍ରଚାରକୁ ନିନ୍ଦା କରିଛନ୍ତି । ଏଥିସହ ବିଜେଡିର ନେତାମାନେ ଏଭଳି କାର୍ଯ୍ୟରୁ କ୍ଷାନ୍ତ ରୁହନ୍ତୁ ବୋଲି ଜେନା କହିଛନ୍ତି । ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି, ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ଜିଲା ସାଧାରଣ ସମ୍ପାଦକ ରାଜେଶ କୁମାର ସାହୁ, ମଣ୍ଡଳ ସଭାପତି ରଜତ କୁମାର ପଣ୍ଡିତ, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଗଙ୍ଗାଧର ଶତପଥୀ, ବ୍ଲକ ସାଧାରଣ ସମ୍ପାଦକ ସନତ ନାୟକ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଭାଶିଷ ସାହୁ, ବରିଷ୍ଠ ନେତା ସୁନିଲ ପାତ୍ର ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ ।

■ ବନ୍ଥପଲୀ ପଞ୍ଚାୟତ ଉପନିର୍ବାଚନ

# ଜଣଙ୍କ ନାମାଙ୍କନପତ୍ର ଦାଖଲ, ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ ଆକ୍ରମଣ ଅଭିଯୋଗ

**ପୋଲସରା,୧୨।୧୧(ଡି.ଏନ.ଏ.):** ପୋଲସରା ବ୍ଲକ ବନ୍ଥପଲୀ ପଞ୍ଚାୟତର ସରପଞ୍ଚ ପଦବୀ ନିମନ୍ତେ ରାଜ୍ୟ ନିର୍ବାଚନ କମିଶନରଙ୍କ ଚିଠି ପ୍ରକାରେ ଉପନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୮ତାରିଖଠାରୁ ୧୨ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ କରିବାର ସମୟ ସୀମା ରହିଥିଲା। ସୋମବାର ନାମାଙ୍କନ ପତ୍ର ଦାଖଲର ଅନ୍ତିମ ଦିନରେ ଆରତୀ ନାହାକ ଜଣେ ମାତ୍ର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରସ୍ତାବକ ବାବୁ ନାହାକ, ସମର୍ଥକ ଅମର ନାହାକଙ୍କ ସମେତ ବନ୍ଥପଲ୍ଲୀ ଗ୍ରାମର ଶତାଧିକ ମହିଳା ଓ ପୁରୁଷଙ୍କ ଗହଣରେ ଆସି ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଶମ୍ଭୁନାଥ ନନ୍ଦିଙ୍କ ନିକଟରେ ନାମାଙ୍କନ ପତ୍ର ପ୍ରଦାନ କରିଥିଲେ। ନାମାଙ୍କନ ପତ୍ର ଦାଖଲର ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ସମୟ ମଧ୍ୟରେ ଏକମାତ୍ର ପ୍ରାର୍ଥିନୀ ନାମାଙ୍କନ ପତ୍ର ଦାଖଲ କରିଥିବା ବ୍ଲକ ନିର୍ବାଚନ ଅଧିକାରୀ ନନ୍ଦି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସୁବାସିନୀ ନାହାକ ପ୍ରାର୍ଥପତ୍ର ଦାଖଲ କରିବାକୁ ଆସିଥିଲେ ମଧ୍ୟ କିଛି ବ୍ୟକ୍ତି ବ୍ଲକ ଫାଟକ ଭିତରକୁ ତାଙ୍କୁ ନ ଛାଡ଼ି ନାମାଙ୍କନ ପତ୍ର ଛଡ଼ାଇ ନେଇଥିବା ସେ ପୋଲସରା ଥାନାରେ ଅଭିଯୋଗ କରିଛନ୍ତି। ମୁଁ ଦିବ୍ୟାଙ୍ଗ ହୋଇଥିବାରୁ ରାଜେନ୍ଦ୍ର ମହାରଣାଙ୍କ ବାଇକ୍‌ରେ ବସି ବ୍ଲକକୁ ଆସୁଥିଲି। ବ୍ଲକ ଫାଟକ ନିକଟରେ ମୋତେ ମାରଧର କରାଯିବା ସହ ନାମାଙ୍କନ ପତ୍ର ଦାଖଲ ସମ୍ବନ୍ଧୀୟ କାଗଜପତ୍ର ଛଡ଼ାଇ ନିଆଯାଇଥିବା ସେ ଦର୍ଶାଇଛନ୍ତି। ସେହିପରି ରାଜେନ୍ଦ୍ରଙ୍କୁ ମଧ୍ୟ ଆକ୍ରମଣ ହୋଇଥିବା ନେଇ ସେ ପୋଲସରା ଥାନାରେ ଏତଲା ଦେଇଛନ୍ତି। ଏ ନେଇ ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ କହିଛନ୍ତି, ୨ଟି ଅଭିଯୋଗ ଆସିଛି। ମୁଁ ବାହାରେ ଡ୍ୟୁଟିରେ ଥିବାରୁ ମାମଲା ରୁଜୁ କରାଯାଇପାରିନି। ସୂଚନାଯୋଗ୍ୟ ଚଳିତ ବର୍ଷ ଏପ୍ରିଲ ମାସରେ ବନ୍ଥପଲୀ ପଞ୍ଚାୟତର ମହିଳା ସରପଞ୍ଚଙ୍କ ବିୟୋଗ ଘଟିଥିଲା। ଫଳରେ ପଦବୀଟି ଖାଲି ପଡ଼ିଥିଲା।

■ ବ୍ଲକସ୍ତରୀୟ ବିଜ୍ଞାନମେଳା

# ୫୨ ବିଦ୍ୟାଳୟର ୬୪ ପ୍ରକଳ୍ପ ପ୍ରଦର୍ଶିତ

**ଦାରିଙ୍ଗବାଡ଼ି,୧୨।୧୧(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଆୟୋଜିତ ହୋଇଥିଲା। ଏହାକୁ ମୁଖ୍ୟ ଅତିଥି ଭାବେ ବିଧାୟକ ଯାକବ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ବିଇଓ ପୁରେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ବିଆରସିସି ତଥା ଏବିଇଓ ସୁବାସିନୀ ଦିଗାଳ, ବିନାୟକ ମହାପାତ୍ର, ଶିକ୍ଷକ କଲ୍ୟାଣ ସଂଘର ସାଧାରଣ ସମ୍ପାଦକ ବିଦେଶୀ ନାୟକ, ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଶିବ ସେଠୀ, ବିଏଡ୍ ଶିକ୍ଷକ ସଂଘର ସଭାପତି ପ୍ରଶାନ୍ତ କୁମାର



ଜଣେ ଛାତ୍ରୀ ତାଙ୍କ ପ୍ରକଳ୍ପ ସମ୍ପର୍କରେ ବୁଝାଉଛନ୍ତି।

ସାହୁ ପ୍ରମୁଖ ଯୋଦେଇଥିଲେ। ଏଥିରେ ବ୍ଲକ ଅଞ୍ଚଳର ୫୨ଟି ବିଦ୍ୟାଳୟର ୬୪ଟି ପ୍ରକଳ୍ପକୁ ଛାତ୍ରୀଛାତ୍ର ମାନେ ପ୍ରଦର୍ଶିତ କରିଥିଲେ। ବିଚାରକ ଭାବେ ସତ୍ୟଜିତ ଧାମୁଡ଼ିଆ, ଶ୍ରୀନିତା ସୋନାଲିନି, ସସ୍ମିତ ସତ୍ୟପ୍ରକାଶ ମିଶ୍ର ପ୍ରମୁଖ କାର୍ଯ୍ୟ ସମ୍ପାଦନା କରିଛନ୍ତି।

ଝିଞ୍ଜିରିଗୁଡା ସିଆରସିସି ରଞ୍ଜିତ ମିଶ୍ର, ଦାରିଙ୍ଗବାଡ଼ି ସିଆରସିସି ଶ୍ୟାମସୁନ୍ଦର ଦିଗାଳ, ପ୍ରଭୋଦ କୁମାର ସିଂ, ରଜତ ସିଂ, ଦଶରଥ ପ୍ରଧାନ, ରାଣାପ୍ରତାପ ଦିଗାଳ, ଗିରିଧାରୀ ପାଢ଼ୀ, ପ୍ରଧାନଶିକ୍ଷକ ହରିହର ନାୟକ, ପ୍ରମୋଦ ସାହୁ, ପୂର୍ଣ୍ଣ ଚନ୍ଦ୍ର ସିଆଳ, ବବିତା ରାଣୀ ସେଠୀ, ଶରତ ସାହୁ, ବିଜୟ ସ୍ୱାଇଁ, ମଧୁସ୍ମିତା ଦାସ ପ୍ରମୁଖ ସହଯୋଗ କରିଥିଲେ। କୃତି ଛାତ୍ରୀଛାତ୍ର ଜିଲାସ୍ତରୀୟ ବିଜ୍ଞାନମେଳାରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିବା ବିଇଓ ବେହେରା କହିଛନ୍ତି।



ଭୋଜନ, ମୈଥୁନ ଓ କାହାପ୍ରତି ସ୍ନେହଶ୍ରଦ୍ଧା ପ୍ରଦର୍ଶନକୁ ନିଜ ନିୟନ୍ତ୍ରଣରେ ରଖ। ଏହା ଅତିରିକ୍ତ ହେଲେ ଦୁଃଖ ଭୋଗିବାକୁ ପଡ଼ିଥାଏ।
- କୌଟିଲ୍ୟ ଚାଣକ୍ୟ

## ସଂକ୍ଷେପରେ

### ନୂଆଗାଁ ବ୍ଲକ୍‌ରେ ଶ୍ୟାମାକାଳୀ ପୂଜା



**ନୂଆଗାଁ,୧୨।୧୧ (ଡି.ଏନ.ଏ.):** ନୟାଗଡ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଯାଇଛି। ନୂଆଗାଁଠାରେ ଗତ ୭ତାରିଖଠାରୁ ଆରମ୍ଭ ହୋଇଥିବା ଶ୍ୟାମାକାଳୀ ପୂଜାର ଶନିବାର ଭସାଣି ଉତ୍ସବ ପାଳନ ହୋଇଛି। ମହିପୁର ଛକଠାରେ ନେତାଜୀ ଯୁବକ ସଂଘ ଦ୍ୱାରା ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହେଉଛି। ଏଠାରେ ପ୍ରତିଦିନ ଅଞ୍ଚଳର କଳାକାରଙ୍କୁ ନେଇ ନାଚଗୀତର ଆୟୋଜନ କରାଯାଉଛି। ଆସନ୍ତା ବୁଧବାର ମା'ଙ୍କ ଭସାଣି ହେବ ବୋଲି ଯୁବକସଂଘ ତରଫରୁ ସୂଚନା ଦିଆଯାଇଛି।

### ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ରଣପୁର,୧୨।୧୧(ସ୍ୱ.ପ୍ର.):** ରଣପୁର ବ୍ଲକ ନରସିଂହପୁର ପଞ୍ଚାୟତର ନାଟିମୀ ଗ୍ରାମରେ ସୋମବାର ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ସେ ହେଲେ ସେହି ଗ୍ରାମର ଭିକାରୀ ମହାପାତ୍ର (୭୦) । ଭିକାରୀ ରବିବାର ନିଜ ଧାନ ବିଲରେ କାମ କରିବା ପାଇଁ ଯାଇଥିଲେ ମଧ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକେ ଭିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ । ସୋମବାର ସକାଳେ ମଲାଗୁଣୀ ନଦୀର ଏକ ପୋଲତଳେ ଭିକାରୀଙ୍କ ଚପଲ ଭାସୁଥିବା ଦେଖିବାକୁ ପାଇଥିଲେ । ଏହା ପରେ ଗ୍ରାମବାସୀ ସେଠାରୁ ଖୋଜାଖୋଜି କରି ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ରଣପୁର ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପରିବାର ଲୋକମାନେ ମୃତଦେହ ବ୍ୟବଚ୍ଛେଦ ନ କରାଇ ଗ୍ରାମରେ ଶବ ଦାହ କରିଦେଇଛନ୍ତି।

### ପାଇପ୍ ଫାଟି ରାସ୍ତାରେ ପାଣି ମାଡୁଛି

**ଖଣ୍ଡପଡା,୧୨।୧୧(ସ୍ୱ.ପ୍ର.):** ଖଣ୍ଡପଡା-କଣ୍ଟିଲୋ ପୂର୍ତ୍ତବିଭାଗ ରାସ୍ତାର ଖଳିସାହି ଗ୍ରାମ ନିକଟରେ ରାସ୍ତା ତଳେ ଯାଇଥିବା ପାଣି ପାଇପ୍ ଫାଟି ରାସ୍ତା ସାରା ପାଣି ମାଡୁଛି। ପାଇପ ଫାଟିଥିବା ସ୍ଥାନରେ ରାସ୍ତା ଦବିଯାଇ ଖାଲଖମା ସୃଷ୍ଟି ହୋଇଥିବାରୁ ଯାନବାହନ ଚଳାଚଳ ବେଳେ ସମସ୍ୟା ସୃଷ୍ଟି ହେଉଛି। ଏ ସମ୍ପର୍କରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଖଳିସାହି ପଞ୍ଚାୟତବାସୀଙ୍କୁ ପାନୀୟ ଜଳ ଯୋଗାଣ ନିମନ୍ତେ ରାସ୍ତା ତଳେ ଯାଇଥିବା ପାଣି ପାଇପ ଲାଇନ ଫାଟିଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।

### ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

# ଅଧିକାରୀଙ୍କ ଉପରେ ବର୍ଷିଲେ ଜିଲାପାଳ

**ନୂଆଗାଁ,୧୨।୧୧ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛ। ଏଥିରେ ମୋଟ ୧୭୭ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୧୬୯ଟି ବ୍ୟକ୍ତିଗତ ଓ ୮ଟି ସାମୂହିକ ରହିଥିଲା। ଶିବିରରେ ପ୍ରତ୍ୟେକ ଅଭିଯୋଗକୁ ଜିଲାପାଳ ନିଜେ ସମାଧାନ କରିବାକୁ ଚେଷ୍ଟା କରିଥିଲେ। ତେଣୁ ଅଭିଯୋଗ ପାଇବା ପରେ ସେ ସେହିଠାରେ ବିଭାଗୀୟ ଅଧିକାରୀଙ୍କୁ ଡାକି ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନେକ ଅଭିଯୋଗ ବାରମ୍ବାର କରାଯାଉଥିଲେ ମଧ୍ୟ ଅଧିକାରୀଙ୍କ ଦ୍ୱାରା ତାହାର ସମାଧାନ କରାଯାଉ ନ ଥିବାରୁ ଜିଲାପାଳ କ୍ଷୁବ୍ଧ ହୋଇଥିଲେ। ଅଭିଯୋଗ ସମାଧାନ କରିବାରେ ଅବହେଳା କରୁଥିବା ଜିଲା ଓ ବ୍ଲକ ଅଧିକାରୀମାନଙ୍କ ଉପରେ ଜିଲାପାଳ ବର୍ଷିଥିଲେ। ଏପରି କି ନିର୍ଦ୍ଦିଷ୍ଟ ସମୟ ସୁଦ୍ଧା ସମାଧାନର ବାଟ ବାହାର କରା ନ ଗଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ନୂଆଗାଁ ହାଇସ୍କୁଲ ଖେଳ ପଡିଆକୁ କିଛି ଲୋକ ଜବରଦଖଲ କରିଥିବା ନେଇ ହାଇସ୍କୁଲ ତରଫରୁ ବାରମ୍ବାର ତହସିଲଦାରଙ୍କୁ ଜଣାଇ ଆସୁଥିଲେ। ତହସିଲଦାର ଅଭିଯୋଗକୁ ଏଡାଇ ନୀରବ ରହିବା ବିଷୟରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ତୁରନ୍ତ ସେହି ଜାଗା ମାପ କରିବା ପାଇଁ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲାପାଳ ନିର୍ଦ୍ଦେଶ ଦେବାର ୪ମାସ ବିତିଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିବା ନେଇ ଅଞ୍ଚଳର କିଛି ଯୁବକ ଶିବିରରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ତହସିଲଦାର ନୂଆଗାଁ ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଛି ଓ ସେ ତାହା ପାଳନ କରି ନ ଥିବା ନେଇ ଜିଲାପାଳଙ୍କୁ କହିଥିଲେ। ଆରଆଇ ଅଜିତ୍ କୁମାର ଡାକୁଆ କାର୍ଯ୍ୟରେ ଅବହେଳା କରିଥିବାରୁ ତାଙ୍କ ପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚଣ୍ଡିଝରୀ ଗ୍ରାମର ରାଶନ କାର୍ଡ ପାଇବା ପାଇଁ ଯୋଗ୍ୟ କିଛି ହିତାଧିକାରୀ ବାଦ୍ ପଡିଥିବା ନେଇ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ସପ୍ତାହକ ମଧ୍ୟରେ ତଦନ୍ତ କରିବା ପାଇଁ ଯୋଗାଣ ଅଧିକାରୀଙ୍କୁ ଡାକି କହିଥିଲେ। ଯୋଗାଣ ବିଭାଗ ଅଧିକାରୀ କାର୍ଯ୍ୟରେ ଅବହେଳା କରୁଥିବା ନେଇ ଜିଲାପାଳ କ୍ଷୁବ୍ଧ ହୋଇଥିଲେ। ସାନତାମନାତ୍ତୁ ସେବାଶ୍ରମର ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ଅଭିଯୋଗ ଆଣିବାରେ ତାହାର ସମାଧାନ ପାଇଁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବାହାଡାଖୋଲା ସ୍କୁଲରେ ପାଚିକା ଚୟନରେ ନୂଆଗାଁ ବ୍ଲକ ଶିକ୍ଷାଧିକାରୀ ଅନିୟମିତତା କରିଥିବା ନେଇ ଅଭିଯୋଗ ହୋଇଥିଲା। ସାତଦିନ ମଧ୍ୟରେ ତାହାର ସମାଧାନ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲାପାଳ। କିଛି ବ୍ଲକ ଯନ୍ତ୍ରୀମାନଙ୍କ ଅବହେଳା କାରଣରୁ ବ୍ଲକର ଉନ୍ନତିରେ ମନ୍ଥରତା ଦେଖାଦେଇଥିବା ସରପଞ୍ଚମାନେ ଅଭିଯୋଗ ଆଣିଥିଲେ। ଜାକେଡା ପଞ୍ଚାୟତବାସୀଙ୍କ ଅଭିଯୋଗକୁ ନୂଆଗାଁ ବିଡିଓ ଅଣଦେଖା କରୁଥିବା ନେଇ ଜିଲାପାଳଙ୍କୁ ଅଭିଯୋଗ କରାଯାଇଥିଲା। ସମସ୍ୟା ସମୂହକୁ ଧୀରେ ଧୀରେ ସମାଧାନ କରିବା ପାଇଁ ବିଡିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲାପାଳଙ୍କ ସମେତ ଜିଲା ଆରକ୍ଷୀ ଅଧୀକ୍ଷକ ଓ ବିଭିନ୍ନ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ ।



ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

### ଶରଦ ରାସ ଉତ୍ସବର ୨ୟ ପର୍ବ

# ବସ୍ତ୍ରହରଣ ପରେ ଗୋପୀମାନେ କୃଷ୍ଣଙ୍କୁ ପାଇଲେ



ବସ୍ତ୍ରହରଣ ଉତ୍ସବରେ ଶିଶୁ କଳାକାରମାନେ।

**ଖଣ୍ଡପଡା,୧୨।୧୧(ସ୍ୱ.ପ୍ର.)**

ପରମ୍ପରାକୁ ଉଜ୍ଜୀବିତ ରଖି କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ କ୍ଷେତ୍ରରେ ରାସ ଉତ୍ସବର ଦ୍ୱିତୀୟ ପର୍ବ 'ବସ୍ତ୍ର ହରଣ' ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏଥିଯୋଗୁ ସ୍ଥାନୀୟ ମହାନଦୀ କୂଳ ମୁଖରିତ ହୋଇଉଠିଥିଲା। ଏଠାରେ ମହାନଦୀ କୂଳ ଯମୁନା କୂଳ ଓ କଣ୍ଟିଲୋ ଦାଣ୍ଡ ଗୋପ ବା ବ୍ରଜ ଦାଣ୍ଡ ହୋଇଉଠିଥିଲା। ଶ୍ରୀମତୀ ଓ ସଖୀ ଗୋପାଙ୍ଗନା ବେଶରେ ସଜ୍ଜିତ ହୋଇ ଛୋଟ ଛୋଟ ପିଲାମାନେ କୃଷ୍ଣଙ୍କୁ ପାଇବା ପାଇଁ ଦୀର୍ଘ ୧ମାସ କାଳ ମହାନଦୀର ବାଲୁକା ଶଯ୍ୟାରେ ଶିବ ଲିଙ୍ଗ ସ୍ଥାପନା କରି ଶଙ୍କର ଓ ଭବାନୀଙ୍କୁ ପୂଜାର୍ଚ୍ଚନା କରି ନତଃ ବ୍ରତ ପାଳନ କରିଥିଲେ । ସୋମବାର ସେମାନଙ୍କର ଅଭିଷ୍ଟ ପୂର୍ଣ୍ଣ ହୋଇଛି । ଶଙ୍କରଙ୍କ ପରାମର୍ଶ କ୍ରମେ ଶ୍ରୀ ରାଧାଙ୍କ ସହ ଗୋପାଙ୍ଗନାମାନେ ଉନ୍ମତ ହୋଇ ଯମୁନା ନଦୀରେ ଜଳ କ୍ରୀଡାରେ ନିମଗ୍ନ ଥିଲେ। ଅପରପକ୍ଷେ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶ କ୍ରମେ ପବନ ଦେବତା ନଦୀ କୂଳରେ ଥିବା ଗୋପୀମାନଙ୍କ ଅଙ୍ଗବସ୍ତ୍ରକୁ ଉଡାଇ ନେଇଥିଲେ। ପରେ କୃଷ୍ଣଙ୍କ ବଂଶୀ ସ୍ୱନରେ ଗୋପୀଗଣ ଆକର୍ଷିତା ହୋଇ କୃଷ୍ଣଙ୍କ ସହ ମିଳନ ହେବା ଆଜିର ଏହି ବସ୍ତ୍ର ହରଣ ପରମ୍ପରାର ମୂଳତତ୍ତ୍ୱ ଥିଲା। ଏହି ଉତ୍ସବକୁ ଉପଭୋଗ କରିବାକୁ ନୀଳମାଧବ ପୀଠ ଓ ମାଘ ମେଳା ପଡିଆରେ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଓ ଦର୍ଶକ ସମାଗମ ହୋଇଥିଲେ। ରାସ ଉତ୍ସବର ପ୍ରଥମ ପର୍ବ ନତଃ ବ୍ରତ ଓ ଦ୍ୱିତୀୟ ପର୍ବ ବସ୍ତ୍ର ହରଣ ସମାପନ ହୋଇଯାଇଛି। ଆସନ୍ତା ୧୯ରୁ୨୩ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ରାସ ଉତ୍ସବ ଶ୍ରୀ ନୀଳମାଧବ ପୀଠ ରାସ ମଣ୍ଡପରେ ଠାକୁରଙ୍କ ପାରମ୍ପରିକ ନୀତିକାନ୍ତି ପ୍ରକାରେ ପାଳନ ହେବ।

# ଭାଲିଆଡ଼ିହି ଗ୍ରାମରେ ରାଜନୈତିକ ସଂଘର୍ଷ

## ସରପଞ୍ଚ ଓ ୱାର୍ଡ଼ମେମ୍ବର ପରିବାର ମୁହାଁମୁହିଁ :୪ ଆହତ



ଚିକିତ୍ସାଧୀନ ବ୍ୟକ୍ତିମାନେ।

**ନୟାଗଡ଼ ଅଫିସ,୧୨।୧୧**

ନୟାଗଡ଼ ଜିଲା ଶରଣକୂଳ ଥାନା ଭାଲିଆଡ଼ିହି ଗ୍ରାମରେ ସୋମବାର ରାଜନୈତିକ ସଂଘର୍ଷ ହୋଇଛି। ସରପଞ୍ଚ ଓ ୱାର୍ଡ଼ମେମ୍ବର ଦୁଇ ପରିବାର ମୁହାମୁହିଁ ହୋଇଥିବାବେଳେ ଘଟଣାରେ ୪ ଆହତ ହୋଇଛନ୍ତି। ସେମାନେ ହେଲେ ବିଜେଡ଼ି ସମର୍ଥିତ ୱାର୍ଡ଼ମେମ୍ବର ସରୋଜିନୀ ନାଏକ,ଭାଜପା ସମର୍ଥକ ପ୍ରସନ୍ନ କୁମାର ନାୟକ, ମୁରଲୀ ନାୟକ ଓ ତ୍ରିନାଥ ନାୟକ ।

ପ୍ରକାଶ ଯେ, ୧୦ ତାରିଖରେ ରଣପୁର ନିର୍ବାଚନମଣ୍ଡଳୀ ତରଫରୁ ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ୱାର୍ଡ଼ମେମ୍ବର ପ୍ରାର୍ଥୀ ବିଜେଡି ସମର୍ଥିତ ହୋଇଥିବା ବେଳେ ସରପଞ୍ଚ ଭାଜପା ସମର୍ଥୀତ। ସରପଞ୍ଚ ଜନସମ୍ପର୍କ ପଦଯାତ୍ରାରେ ବିଧାୟକଙ୍କୁ ଗ୍ରାମରେ ପ୍ରବେଶ କରାଇବାକୁ ଚାହୁଁ ନ ଥିଲେ। ହେଲେ ୱାର୍ଡ଼ମେମ୍ବର ବିଜେଡ଼ି ସମର୍ଥିତ ହୋଇଥିବାରୁ ସେ ବିଧାୟକ ରବିନାରାୟଣ ମହପାତ୍ରଙ୍କ ସହ ପଦଯାତ୍ରା କରିଥିଲେ। ଏହାକୁ ନେଇ ଉଭୟ ଭାଜପା ଓ ବିଜେଡି କର୍ମୀଙ୍କ ମଧରେ ଅସନ୍ତୋଷ ଦେଖା ଦେଇଥିଲା। ସୋମବାର ରାତି ୮ଟାରେ ସରୋଜିନୀ ଘରେ ଥିବା ବେଳେ ସରପଞ୍ଚଙ୍କ ସମ୍ପର୍କୀୟମାନେ ଆସି ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ୱାର୍ଡ଼ମେ଼ରଙ୍କ ପରିବାର ଲୋକ ସରପଞ୍ଚଙ୍କ ପରିବାରକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ମାଡ଼ଗୋଳରେ ଦୁଇ ପରିବାରର ୪ ଜଣ ଆହତ ହୋଇ ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଶରଣକୂଳ ଥାନା ଅଧିକାରୀ ମନୋଜ କୁମାର ଶତପଥୀଙ୍କୁ ପଚାରିବାରୁ ସେ କୁହନ୍ତି ଭାଲିଆଡିହି ଗ୍ରାମର ସରପଞ୍ଚ ଓ ୱାର୍ଡ଼ମେମ୍ବର ଦୁଇ ପରିବାର ମଧରେ ସଂଘର୍ଷ ହୋଇଛି। ହେଲେ ଦୁଇ ପରିବାର ମଧରୁ ବର୍ତ୍ତମାନ ସୁଦ୍ଧା କେହି ଥାନାରେ ଅଭିଯୋଗ କରିନାହାନ୍ତି।

# ବାଘୁଆପଲ୍ଲୀ ସରପଞ୍ଚ ଉପନିର୍ବାଚନ: ୯ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ଭାପୁର,୧୨।୧୧(ଡି.ଏନ.ଏ.)**

ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ବଂଶୀଧର ମଲ୍ଲିକଙ୍କ ଅକାଳ ବିୟୋଗ ପରେ ଏହି ପଦବୀ ଖାଲି ପଡିଥିବାରୁ ଆସନ୍ତା ନଭେମ୍ବର ୬ ତାରିଖରେ ଉପନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନ ପାଇଁ ସୋମବାର ନାମାଙ୍କନ ଦାଖଲର ଶେଷ ତାରିଖ ଥିବା ବେଳେ ମୋଟ ୯ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପୂର୍ବରୁ ୪ଜଣ ଦାଖଲ କରିଥିବାବେଳେ ଶେଷଦିନରେ ୫ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ରବୀନ୍ଦ୍ର ନାଥ ପଟ୍ଟନାୟକ, ବନବିହାରୀ ପଟ୍ଟନାୟକ, ଆନନ୍ଦ ଚନ୍ଦ୍ର ରାଉତ, ପ୍ରକାଶ ଚନ୍ଦ୍ର ରାଉତରାୟ ଓ ମୃତ ସରପଞ୍ଚଙ୍କ ବିଧବା ପତ୍ନୀ ଉଷାରାଣୀ ମଲ୍ଲିକ । ସେମାନେ ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ପୂର୍ବରୁ ନବକିଶୋର ସାହୁ, ରାମଚନ୍ଦ୍ର ସାହୁ, ପ୍ରହ୍ଲାଦ ଜେନା ଓ କୁବେର ଦଳବେହେରା ନାମାଙ୍କନ ଦାଖଲ କରିଥିଲେ। ମୋଟ ୯ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ୧୩ ତାରିଖ ଯାଞ୍ଚ, ୧୬ ତାରିଖରେ ନାମାଙ୍କନ ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ।

# କାର୍ଯ୍ୟଦିବସରେ ଆରଆଇ ଅଫିସରେ ତାଲା



ଆରଆଇ କାର୍ଯ୍ୟାଳୟରେ ତାଲା ପଡ଼ିଛି ।

**ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.),୧୨।୧୧**

ସୋମବାର କାର୍ଯ୍ୟଦିବସରେ ଆରଆଇ ଅଫିସରେ ତାଲା ଝୁଲିଥିବା ଦେଖିବାକୁ ମିଳିଥିଲା। ଜିଲାର ରଣପୁର ବ୍ଲକର ସଦରରେ ଥିବା ରଣପୁରଗଡ଼ ଆରଆଇ ଅଫିସରେ ତାଲା ଝୁଲୁଥିବାରୁ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ। କିଏ ଜାତିଗତ ପ୍ରମାଣପତ୍ର ଯାଞ୍ଚ ପାଇଁ ଆସି ଫେରି ଯାଉଥିବା ବେଳେ ଆଉ କିଏ ନିଜର ଜମି ପଟ୍ଟା ଆବେଦନ କରିବା ଲାଗି ଆସି ନିରାଶରେ ଫେରି ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ସୋମବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ପର୍ଯ୍ୟନ୍ତ ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଏ ନେଇ ରଣପୁର ତହସିଲଦାର ସୁଶାନ୍ତ କୁମାର ପତିଙ୍କୁ ପଚାରିବାରୁ ସେ କୁହନ୍ତି ତହସିଲ କାର୍ଯ୍ୟାଳୟରେ ଏକ ବୈଠକ ହେଉଥିଲା,ତେଣୁ ଆରଆଇଙ୍କୁ ଡାକିଥିଲି ଫଳରେ କାର୍ଯ୍ୟାଳୟ ବନ୍ଦ ରହିଥିବ ବୋଲି ପ୍ରକାଶ କରିଥିଲେ। ଯଦି ଆରଆଇ ବୈଠକକୁ ଯାଇଥିଲେ ତେବେ ପିଅନଙ୍କ ଠାରୁ ଆରମ୍ଭ କରି ଏଆରଆଇ ପର୍ଯ୍ୟନ୍ତ ସମସ୍ତେ କ'ଣ ସେଠାକୁ ଚାଲି ଯାଇଥିଲେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଧାରଣା

**ଖଣ୍ଡପଡା,୧୨।୧୧(ସ୍ୱ.ପ୍ର.)**

କୃଷକମାନଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରାଯାଉଥିବା ନେଇ ରାଜ୍ୟ ନବନିର୍ମାଣ କୃଷକ ସଙ୍ଗଠନ ପଞ୍ଚାୟତ ସ୍ତରରେ ଚାଷୀମାନଙ୍କୁ ଏକଜୁଟ କରି ପ୍ରତିବାଦ କରୁଛି। ସୋମବାର ରାଜ୍ୟ ସଙ୍ଗଠନ ଆହ୍ୱାନ କ୍ରମେ ଭାପୁର ବ୍ଲକ ପଥରଚକଡା ଗ୍ରାମ ପଞ୍ଚାୟତ ମାଧପୁରସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ କୃଷକ ଧାରଣା ଦେଇଥିଲେ। ସରକାରଙ୍କ କୃଷକ ମାରଣ ନୀତି, କୃଷିଋଣ ଛାଡ, ପେନ୍‌ସନ, ମାଗଣାରେ ସାର ଯୋଗାଣ ଆଦି ଦାବି ନେଇ ସେମାନେ ଧାରଣାରେ ବସିଥିଲେ । ଏହା ନେତୃତ୍ୱ ନେଇଥିବା ନବ ନିର୍ମାଣ କୃଷକ ସଂଗଠନ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, କୃଷକ ନେତା ପୀତବାସ ହାତୀ ପ୍ରମୁଖ ଦର୍ଶାଇଥିଲେ, ଦେଶର ବିକାଶରେ କୃଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସ୍ୱାଧୀନତାର ୭୦ ବର୍ଷ ପରେ ମଧ ସରକାର ଚାଷୀମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି । ରାଜ୍ୟରେ ପ୍ରାୟ ୩ଲକ୍ଷରୁ ଊର୍ଦ୍ଧ୍ୱ କୃଷକ ଆତ୍ମହତ୍ୟା କରି ସାରିଥିବା ବେଳେ ସରକାର ଏ ନେଇ ସମ୍ବେଦନଶୀଳ ହେଉନାହାନ୍ତି। ବଜାର ଦର ବୃଦ୍ଧି ଆଳରେ ସରକାରୀ କର୍ମଚାରୀଙ୍କୁ ସପ୍ତମ ବେତନ ଓ ମହଙ୍ଗାଭତ୍ତା ଦିଆଯାଉଥିଲେ ମଧ ଚାଷୀଙ୍କ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଆଗାମୀ ଦିନରେ ସରକାର ସମସ୍ତ ଦାବି ମାନି ନ ନେଲେ ଆନ୍ଦୋଳନ ଗୁରୁତର ରୂପ ଧାରଣ କରିବ ବୋଲି ଚେତାବନୀ ଦେଇଥିଲେ। କୃଷକ ଉଚ୍ଛବ ଚରଣ ସ୍ୱାଇଁ, ମଦନ ମୋହନ ନାୟକ, ପରମାନନ୍ଦ ସାହୁ, ପ୍ରହ୍ଲାଦ ସାହୁ, ଲିଙ୍ଗରାଜ ଦାସ, ସନ୍ତୋଷ କୁମାର ଡ଼ାଲୁଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରଣପୁର,(ସ୍ୱ.ପ୍ର.):** ନବ ନିର୍ମାଣ କୃଷକ ସଂଘର ଡାକରାରେ ରଣପୁର ବ୍ଲକ୍‌ର ୩୭ ଗ୍ରାମ ପଞ୍ଚାୟତ ଓ ଏନ୍‌ଏସି କାର୍ଯ୍ୟାଳୟ ଆଗରେ କୃଷକମାନେ ସୋମବାର ୪ ଘଣ୍ଟା ଧରି ଧାରଣା ଦେଇଥିଲେ। ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ୍ ନେଇ ଏକ ଦାବି ପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉଭୟ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ରଣପୁର ଏନ୍‌ଏସିରେ ନବ ନିର୍ମାଣ କୃଷକ ସଂଘର ସଭ୍ୟ ଅଜୟ କୁମାର ପଟ୍ଟନାୟକ, କାଉନସିଲର ସତ୍ୟରଞ୍ଜନ ମଡ୍ଡା, ଆଇନଜୀବୀ ଶତ୍ରୁଘ୍ନ ପାଇକରାୟ, ଯୁବନେତା ଆବୁବକର ସିଦ୍ଦିକ୍‌ଙ୍କ ନେତୃତ୍ୱରେ ଶତାଧିକ କୃଷକ ଧାରଣା ଦେଇଥିଲେ। ସେହିଭଳି ବ୍ରଜରାଜପୁର ଗ୍ରାମପଞ୍ଚାୟତ ଆଗରେ ସଂଯୋଜକ ଗୋବିନ୍ଦ ଚନ୍ଦ୍ର କହଲସିଂଙ୍କ ନେତୃତ୍ୱରେ ଏବଂ ଚାନ୍ଦପୁର ଓ କନ୍ଧନୟାଗଡରେ ବିପିନ ବିହାରୀ ନାୟକଙ୍କ ନେତୃତ୍ୱରେ କୃଷକମାନେ ଆନ୍ଦୋଳନ କରିଥିଲେ। ଲୋଧାଚୂଆ ପଞ୍ଚାୟତ ଆଗରେ ନବ ନିର୍ମାଣ କୃଷକ ସଙ୍ଘର ସଂଯୋଜକ ପ୍ରଦୀପ୍ତ କୁମାର ବେହେରା ଧାରଣା ଦେଇଥିଲେ।

**ବୋଲଗଡ଼,(ଡି.ଏନ.ଏ.):** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ସୋମବାର ପୂର୍ବାହ୍ନ ୧୦ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବୋଲଗଡ଼ ବ୍ଲକ୍ ଖଙ୍ଗୁରିଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। କୃଷକମାନଙ୍କ ପାଇଁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ଦାବି ନେଇ ଏହି ଧାରଣାରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ଜଳଧର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ସଂଗଠନର ଖୋର୍ଦ୍ଧା ଜିଲା କର୍ମକର୍ତ୍ତା ସୁରେଶ କୁମାର ମାନସିଂହ ବକ୍ତବ୍ୟ ରଖିଥିଲେ। ବାସୁଦେବ ଦାସ, ସାଧୁଚରଣ ରାଉତରାୟ, ନବକିଶୋର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।



ଖଣ୍ଡପଡ଼ାଠାରେ କୃଷକ ସଂଗଠନ ପକ୍ଷରୁ ଧାରଣା।

### ୨ୟ ରୋଗୀକଲ୍ୟାଣ ସମିତି ବୈଠକ

# ଆମ୍ବୁଲାନ୍ସ ଡ୍ରାଇଭରଙ୍କ ପ୍ରାପ୍ୟ ନେଇ ଆଲୋଚନା

**ଗଣିଆ,୧୨।୧୧(ଡି.ଏନ୍.ଏ.)**

ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ଚଳିତ ଆର୍ଥିକବର୍ଷର ୨ୟ ରୋଗୀକଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଗଣିଆ ମେଡିକାଲ ଅଫିସର ଡାକ୍ତର ମଧୁସୂଦନ ଦାଶ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ବିଡିଓ ସରୋଜ କୁମାର ନାୟକ, ସିଡିପିଓ ଲକ୍ଷ୍ମୀ ଦାଶ, ଗଣିଆ ସରପଞ୍ଚ ସସ୍ମିତା ଲେଙ୍କା, ସମିତିସଭ୍ୟ ସନ୍ଧ୍ୟାରାଣୀ ସାହୁଙ୍କ ସମେତ ରୋଗୀ କଲ୍ୟାଣ ସମିତି ସଭ୍ୟମାନେ ଯୋଗଦେଇଥିଲେ। ପ୍ରଥମେ ସ୍ୱାସ୍ଥ୍ୟକେନ୍ଦ୍ର ବିପିଓ ଗତ ବୈଠକର ବିବରଣୀ ଓ ରୋଗୀ କଲ୍ୟାଣ ସମିତିର ଆୟବ୍ୟୟ ସମ୍ପର୍କରେ ବୁଝାଇଥିଲେ। ତେବେ ବୈଠକ ଆରମ୍ଭରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଆମ୍ବୁଲାନ୍ସ ଡ୍ରାଇଭର ୨ବର୍ଷ ଧରି ଦରମା ପାଇ ନ ଥିବା ନେଇ ଆଲୋଚନା ହୋଇଥିଲା। ଏହି ପ୍ରାପ୍ୟ ଉକ୍ତ ଡ୍ରାଇଭରଙ୍କୁ କିପରି ଦିଆଯିବ ସେ ନେଇ ଉପସ୍ଥିତ ସଭ୍ୟଙ୍କ ମତାମତ ନିଆଯାଇଥିଲା। ରୋଗୀ କଲ୍ୟାଣ ସମିତି ଫଣ୍ଡରୁ ପର୍ଯ୍ୟାୟକ୍ରମେ ଡ୍ରାଇଭରଙ୍କ ଦରମା ବାବଦ ପ୍ରାପ୍ୟ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ହେଲେ କେଉଁ ଫଣ୍ଡରୁ ତାଙ୍କୁ ଦରମା ଦିଆଯିବ ତାହା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲାପାଳଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ସୂଚନାଯୋଗ୍ୟ ୨୦୧୦ ଏପ୍ରିଲ ୩ ତାରିଖରେ ଗଣିଆ ସ୍ୱାସ୍ଥ୍ୟକେନ୍ଦ୍ରର ଚିଠି ନଂ.୪୮୨ ଅନୁଯାୟୀ ଆମ୍ବୁଲାନ୍ସ ଡ୍ରାଇଭର ଭାବେ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ତାଙ୍କ ଦରମା ରୋଗୀ କଲ୍ୟାଣ ସମିତି ଫଣ୍ଡରୁ ଦିଆଯିବା ପାଇଁ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ନିଷ୍ପତ୍ତି ଅନୁଯାୟୀ ସ୍ଥିର ହୋଇଥିଲା। ୨୦୧୦ରୁ ୨୦୧୪ ମସିହା ପର୍ଯ୍ୟନ୍ତ ରୋଗୀ କଲ୍ୟାଣ ସମିତି ଫଣ୍ଡରୁ ଡ୍ରାଇଭରଙ୍କୁ ଦରମା ଦିଆଯାଇଥିଲା। ପରେ ୨୦୧୫ରୁ ୨୦୧୬ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ତାଙ୍କୁ ଜନନୀ ସୁରକ୍ଷା ଯୋଜନା ତରଫରୁ ଦରମା ଦିଆଯାଇଥିଲା । ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦୮ ଓ ୧୦୨ ଆମ୍ବୁଲାନ୍ସ ଆସିବା ପରେ ଆମ୍ବୁଲାନ୍ସଟିକୁ ଫେରାଇଦେବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ନିର୍ଦ୍ଦେଶ ଆସିଥିଲା। ବ୍ଲକର ବହୁ ଗ୍ରାମାଞ୍ଚଳ ପାହାଡିଆ ଓ ଆଦିବାସୀପ୍ରବଣ ଇଲାକା ହୋଇଥିବାରୁ ୧୦୮ ଓ ୧୦୨ ସହ ଅତ୍ୟାବଶ୍ୟକ ରୋଗୀସେବା ପାଇଁ ଆମ୍ବୁଲାନ୍ସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବାକୁ ଗଣିଆ ମେଡିକାଲ ଅଫିସ ତରଫରୁ ବିଭାଗୀୟ ଉଚ୍ଚ ପଦାଧିକାରୀ ଓ ଜିଲା ପ୍ରଶାସନକୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ କୌଣସି ସୂଚନା ନ ମିଳିବାରୁ ଗଣିଆ ମେଡିକାଲ ଅଫିସରଙ୍କ ନିର୍ଦ୍ଦେଶରେ ପ୍ରକାଶ ପୂର୍ବ ପରି ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାର୍ଯ୍ୟ କରିଚାଲିଲେ। ଏହା ପରେ ଆମ୍ବୁଲାନ୍ସ ମରାମତି ପାଇଁ ରୋଗୀ କଲ୍ୟାଣ ସମିତି ତରଫରୁ ୨୦୧୭ ଡିସେମ୍ବରରେ ପ୍ରାୟ ୪୮ ହଜାର ଟଙ୍କା ବ୍ୟୟ କରାଯାଇଛି । ତେବେ ବ୍ଲକର ଦୁର୍ଗମ ଅଞ୍ଚଳରୁ ଆସୁଥିବା ଗୁରୁତର ରୋଗୀମାନଙ୍କୁ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆମ୍ବୁଲାନ୍ସ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯିବା ନେଇ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି ।

### ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ରଖାଯିବାକୁ ଦାବି




ବୈଠକରେ ମଞ୍ଚାସୀନ ଅତିଥି।